# ଉଙ୍କାରୀ, ବରଡ଼ା ମୌଜାରୁ କଳାପଥର ଚାଲାଣ ଜାରି

ଯାଜପୁର,୧୮।୧୦(ହର୍ଷବର୍ଦ୍ଧନ ବେହେରା)



- ଖଣି ସୁରକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକୁ ଅବମାନନା
- ଅସୁରକ୍ଷିତ ଖାଦାନ ଶ୍ରମିକଙ୍କ ଜୀବନ
- ବିଧାୟକଙ୍କ ନିବେଦନକୁ ଅଣଦେଖା

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ମୂଲ୍ୟବାନ କଳାପଥର ଖାଦାନଗୁଡିକରେ କେନ୍ଦ୍ର ଖଣି ସୁରକ୍ଷା ନିର୍ଦ୍ଦେଶକ, ଜଙ୍ଗଲ ବିଭାଗ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନୀତି ନିୟମ ଅନୁସାରେ ଉତ୍ତୋଳନ କରିବାକୁ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏପରି କି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ନିୟମିତ ବ୍ୟବଧାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିଭାଗୀୟ ଅଧିକାରୀମାନଙ୍କୁ ଆଇନ ଅନୁସାରେ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପତ୍ର ଲେଖୁଛନ୍ତି। ତଥାପି କଳାପଥର ଲୁଟ୍ ଜାରି ରହିଛି । ଏବେ ବି ଉଙ୍କାରୀ ପାହାଡ଼ର ସୈରାତ ନମ୍ବର ୨/୩ ପାଦଦେଶ ନିକଟ ଝାଟି ଜଙ୍ଗଲ ଏବଂ ବରଡା ମୌଜାରୁ ଲକ୍ଷାଧିକ ଟନ୍ କଳାପଥର ବେଆଇନ ଉତ୍ତୋଳନ ହେଉଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କଠାରୁ ସୂଚନା ମିଳିଛି। ଏହାବାଦ୍ କେନ୍ଦ୍ର ଖଣି ସୁରକ୍ଷା ନିର୍ଦ୍ଦେଶଙ୍କ ନିର୍ଦ୍ଦେଶ ଅନୁସାରେ ଏଯାଏ ମାଇନ ମ୍ୟାନେଜର ନିଯୁକ୍ତି ପ୍ରକ୍ରିୟା ନୈରାଶ୍ୟଜନକ ରହିଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଖଣି ଖାଦାନ ଲୁଟ ସଂକ୍ରାନ୍ତୀୟ ପୁରୁଣା ମାମଲାଗୁଡିକର ପୁଣି ଫାଇଲ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଏଭଳି ସ୍ଥିତିରେ ଲଘୁ ଖଣି ଦୁର୍ନୀତିର ଫାଇଲ ମଧ୍ୟ ଖୋଲାଯିବା ଉଚିତ ବୋଲି ସାଧାରଣରେ ଦାବି ଉଠିଛି। ବିଶେଷ କରି ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଗତ ଦୁଇ ଦଶନ୍ଧି ଧରି ୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ କଳାପଥର ଲୁଟ୍ ହୋଇଛି। ଏପରି କି ସଂରକ୍ଷିତ ଜଙ୍ଗଲରେ ଥିବା ଖାଦାନଗୁଡିକୁ ଲିଜ୍ ଦେଇ ଜଙ୍ଗଲ ନଷ୍ଟ କରାଯାଇଛି। ହେଲେ ଜିଲା ପ୍ରଶାସନ ପକ୍ଷରୁ ସାଟେଲାଇଟ ମାପଚୁପ କରି କେବଳ ୧୯ ଜଣ ଲିଜ୍‌ଧାରୀଙ୍କଠାରୁ ଅନୁମୋଦନଠାରୁ ବହୁ ଗୁଣ ଅଧିକ କଳାପଥର ଲୁଟ୍ ଅଭିଯୋଗ ଉପରେ ମାତ୍ର ୩୧୩.୪୦ କୋଟି ଟଙ୍କାର ଜରିମାନା ଆଦାୟ ପାଇଁ ନୋଟିସ ହୋଇଛି। ଯାହା ଅତି କମ୍ ବୋଲି ପୂର୍ବରୁ ବିଧାୟକ ସାହୁ ମତପ୍ରକାଶ କରିବା ସହ ଏହାର ପୁନଃ ମାପଚୁପ ଆବଶ୍ୟକ ବୋଲି ଦାବି କରିଛନ୍ତି। ଏହାବାଦ୍ ଖାଦାନଗୁଡିକ ଅସୁରକ୍ଷିତ ଥିବାରୁ ପାହାଡ଼ ଧସି ଶ୍ରମିକଙ୍କ ଅକାଳ ମୃତ୍ୟୁ ହେଉଥିବାର ନଜିର ରହିଛି।

୧୫।୫।୨୦୨୪ରେ ଉଙ୍କାରୀ ପାହାଡ଼ ଧସି ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହେବା ପରେ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ ଅନୁଯାୟୀ ଲିଜ୍‌ଧାରୀ ଯଦି କଳାପଥର ଲୁଟ୍ କରିଥିବା ପ୍ରମାଣ ମିଳେ ତେବେ ତାଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହେବା କଥା। ଲିଜ୍‌ଧାରୀଙ୍କ ପରିବେଶଗତ ଅନୁମତି(ଇସି) ପ୍ରତ୍ୟାହାର କରି ନିର୍ଦ୍ଧାରିତ ସମୟରେ ଜରିମାନା ଦାଖଲ ନ କଲେ ଥାନାରେ ତାଙ୍କ ନାମରେ ମାମଲା ରୁଜୁ ହେବା ଆଇନରେ ରହିଛି। କିନ୍ତୁ କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ଏହି ସବୁ ଆଇନ ଫସର ଫାଟିଛି। ବରଂ ଖିଲାପି ଲିଜ୍‌ଧାରୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ନାମରେ ପୁଣି ଖାଦାନ ଲିଜ୍ ଦିଆଯାଇଥିବା ଅଭିଯୋଗ ହେଉଛି। ଏହାସହ ଧସିଥିବା ପ୍ରାୟ ୧୬ ହଜାର ଟନ କଳାପଥର ପ୍ରଶାସନ ନିଜ ଅକ୍ତିଆରକୁ ନେଇ ନିଲାମ କରି ନ ଥିବାରୁ ସେଗୁଡିକୁ କ୍ରମଶଃ ଚୋରି ହେଉଛି। ଅନ୍ୟପକ୍ଷେ କଳାପଥର ଖାଦାନଗୁଡିକରେ ଶୂନ୍ୟ ମୃତ୍ୟୁ ଲକ୍ଷ୍ୟ ନେଇ ହୋଇଥିବା ମାଇନ ମ୍ୟାନେଜର ନିଯୁକ୍ତି ନିର୍ଦ୍ଦେଶକୁ ଦେଢ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ବି ତାହାର ଅନୁପାଳନ ଏଯାଏ ହୋଇ ପାରିନାହିଁ। ବରଂ କେତେକ ସ୍ଥାନରେ ବିନା ଅନୁମତିରେ କଳାପଥର ଚାଲାଣ ଚାଲିଥିବା ଅଭିଯୋଗ ହେଉଛି। ଉଙ୍କାରୀ ପାହାଡ଼ର ୨/୩ ନମ୍ବର ସୈରାତର ପାଦଦେଶ ନିକଟରୁ ବଳ ନାମକ ଜଣେ ବ୍ୟବସାୟୀ ପ୍ରାୟ ଦେଢମାସ ହେବ ନିୟମିତ ଭାବେ ବ୍ଲାଷ୍ଟିଂ କରି କଳାପଥର ଲୁଟ୍ କରୁଥିବା ସୂଚନା ମିଳିଛି। ଏଯାଏ ସେଠାରୁ ପ୍ରାୟ ୫ କୋଟି ଟଙ୍କାର କଳାପଥର ଚୋରି ହୋଇଥିବା ଚର୍ଚ୍ଚା ହେଉଛି। ସେହିପରି ବରଡ଼ା ମୌଜାରେ ଗତ ଜାନୁଆରୀରେ ଜଣେ ଲିଜ୍‌ଧାରୀଙ୍କୁ ଅସ୍ଥାୟୀ ଭାବେ ୩ ମାସ ପାଇଁ ଅନୁମତି ଦିଆଯାଇ ଟିପି ଜାରି ହୋଇଥିଲା। ଏହି ଅସ୍ଥାୟୀ ଅବଧି ଶେଷ ହେବାର ୬ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ବି ସେଠାରୁ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟନ କଳାପଥର ଲୁଟ୍ ହୋଇ ସାରିଛି। ଏହିସବୁ ଖାଦାନଗୁଡିକରେ ବେଆଇନ ଡ୍ରିଲିଂ ଓ ବ୍ଲାଷ୍ଟିଂ ହେଉଥିବାରୁ ପୁଣି ଶ୍ରମିକ ଓ ଅଞ୍ଚଳବାସୀଙ୍କ ପାଇଁ ବିପଦ ଘନେଇଛି ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଉଙ୍କାରୀ ଓ ବରଡା ମୌଜାରେ ହେଉଥିବା ବେଆଇନ ଖାଦାନ ଉତ୍ତୋଳନ ସମ୍ପର୍କରେ ତାଙ୍କ ନିକଟରେ ଅଭିଯୋଗ ହୋଇଛି। ଏନେଇ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଏହାସହ ମାଇନ ମ୍ୟାନେଜର ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି।

## ଇ-କେୱାଇସି ପାଇଁ ଇଟା, ପାଣିବୋତଲ ରଖି ଧାଡ଼ି



ବ୍ୟାଙ୍କ ସମ୍ମୁଖରେ ଇଟା ଓ ପାଣିବୋତଲ ଥୁଆ ହୋଇଛି।

କାଏମା,୧୮।୧୦(ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଗ୍ରାହକ ଇ-କେୱାଇସି କରିବା ପାଇଁ ରାତି ୩ଟାରୁ ବ୍ୟାଙ୍କ ସମ୍ମୁଖରେ ଇଟା ଓ ପାଣି ବୋତଲ ରଖି ଧାଡ଼ି ବାନ୍ଧୁଛନ୍ତି। ସୁଭଦ୍ରା ଯୋଜନାରେ ବ୍ୟାଙ୍କ ଖାତାକୁ ଡିବିଟି ଦ୍ୱାରା ଟଙ୍କା ଆସିବା ବ୍ୟବସ୍ଥା କରାଯିବା ଦିନରୁ ବ୍ୟାଙ୍କରେ ଏଭଳି ଭିଡ଼ ଦେଖିବାକୁ ମିଳୁଛି। ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପାଇବା ପାଇଁ ଆବେଦନ କରି ଥିବା ମହିଳାମାନଙ୍କ ମଧ୍ୟରେ ବହୁ ଆଗ୍ରହ ଥିଲା ଟଙ୍କା ପାଇବାକୁ। କିନ୍ତୁ ଅନେକ ମହିଳା ପ୍ରଥମ ପର୍ଯ୍ୟାୟରେ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ବ୍ୟାଙ୍କ ଖାତାରେ ଆଧାର ସିଡିଂ ନ ଥିବାରୁ ଟଙ୍କା ଆସୁ ନ ଥିବା ଜାଣିବା ପରେ ଏପରି ଭିଡ଼ ଜମାଉଛନ୍ତି। ବ୍ୟାଙ୍କରେ ଅସମ୍ଭାଳ ଭିଡ଼ ହେବାରୁ ବ୍ୟାଙ୍କ ପକ୍ଷରୁ ଗୋଟିଏ ଦିନରେ ନିର୍ଦ୍ଦିଷ୍ଟ ସଂଖ୍ୟାରେ କେୱାଇସି କରିବାର ବ୍ୟବସ୍ଥା କରାଯାଇଛି। ତେଣୁ ନିର୍ଦ୍ଦିଷ୍ଟ ସଂଖ୍ୟା ବ୍ୟବଧାନ ମଧ୍ୟରେ ରହିବା ପାଇଁ ଅନେକ ଗ୍ରାହକ ଏପରି କରୁଥିବା କହିଛନ୍ତି। ଏ ସମ୍ପର୍କରେ ବ୍ୟାଙ୍କ୍ ଶାଖା ପରିଚାଳକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଖୁଚୁରା ବିକ୍ରେତାଙ୍କ ପାରିଶ୍ରମିକ ରାଶି ବୃଦ୍ଧି ପାଇଁ ଦାବିପତ୍ର

ଯାଜପୁର ଟାଉନ,୧୮।୧୦
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ସର୍ବଭାରତୀୟ ଖୁଚୁରା ବିକ୍ରେତା ମହାସଂଘ ରାଜ୍ୟ ଶାଖା ଆନୁକୂଲ୍ୟରେ ଯାଜପୁର ଜିଲା ଶାଖା ପକ୍ଷରୁ ଖୁଚୁରା ବିକ୍ରେତା ସେମାନଙ୍କ ପାରିଶ୍ରମିକ ବୃଦ୍ଧି ପାଇଁ ଦାବି କରିଛନ୍ତି। ଏନେଇ ସେମାନେ ଶୁକ୍ରବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଏକ ୧୦ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ଅନ୍ୟ ରାଜ୍ୟ ଭଳି ସେମାନଙ୍କୁ କଇଣ୍ଟାଲ ପିଛା ୨୦୦ ଟଙ୍କା ପାରିଶ୍ରମିକ ଦେବା, ଇ-କେୱାଇସି ପାଇଁ ଅତିରିକ୍ତ ରାଶି ଯୋଗାଇବା, ସରକାରୀ ଗୋଦାମକୁ ସାମଗ୍ରୀ ଉଠାଣର ୭ଦିନ ମଧ୍ୟରେ ଇପିଓଏସ୍ ମେସିନ୍‌କୁ ଅନୁମତି ଦେବା, ଖାଦ୍ୟସାମଗ୍ରୀ ଉଠାଣ ଓ ବଣ୍ଟନରେ ଯେଉଁ କମ ହେଉଛି ସେଥିପାଇଁ କୁଇଣ୍ଟାଲ ପ୍ରତି ୧ କେଜି ଦେବା, ବକେୟା ପାରିଶ୍ରମିକ ରାଶି ଯୋଗାଇବା, ଘରୋଇ ଖୁଚୁରା ବିକ୍ରେତାଙ୍କ କାର୍ଯ୍ୟକାଳକୁ ସ୍ଥାୟୀ କରିବା, ବଣ୍ଟନ ସମୟରେ ଉପୁଜୁଥିବା ସର୍ଭର ଜନିତ ତ୍ରୁଟିକୁ ତୁରନ୍ତ ନିରାକରଣ କରିବା, ଚାଉଳ, ଗହମ ବସ୍ତା ଓଜନକୁ ପ୍ରତି ବସ୍ତା ୫୦କେଜି ୫୬୦ ଗ୍ରାମକୁ ସୁନିଶ୍ଚିତ କରିବା ଆଦି ଦାବିଗୁଡ଼ିକୁ ବିକ୍ରେତା ସଂଘର ଜିଲା ସଭାପତି ବାସୁଦେବ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସଭ୍ୟ ପ୍ରମୁଖ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।

ଅନ୍ୟପକ୍ଷରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ କାର୍ଯ୍ୟରତ ଖୁଚୁରା ବିକ୍ରେତା ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବା ସହିତ ଅନ୍ୟ ରାଜ୍ୟଠାରୁ ଘୋର ଆର୍ଥିକ ସ୍ଥିତିରେ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି। ଏହି ବିକ୍ରେତାମାନଙ୍କୁ କୁଇଣ୍ଟାଲ ପିଛା ୯୦ଟଙ୍କା ପରିଶ୍ରମିକ ରାଶି ଯୋଗାଯାଉଛି। ମାତ୍ର ଏଥିରେ ପରିବାର ପ୍ରତିପୋଷଣ କରିବା କଷ୍ଟ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ନୂତନ ଅନ୍‌ଲାଇନ୍ ଓଜନ ବ୍ୟବସ୍ଥାରେ ପୂର୍ବ ଅପେକ୍ଷା ୩ ଗୁଣ ଅଧିକ ସମୟ ଲାଗୁଛି। ହେଲେ ପୂର୍ବ ବ୍ୟବସ୍ଥାରେ ବଣ୍ଟନ କ୍ଷେତ୍ରରେ ଓଜନ କରୁଥିବା ସହଯୋଗୀଙ୍କୁ ଯେତିକି ଅର୍ଥ ପ୍ରଦାନ କରୁଥିଲେ ନୂତନ ବ୍ୟବସ୍ଥାରେ ୩ ଗୁଣ ଅଧିକ ଅର୍ଥ ପ୍ରଦାନ କରିବାକୁ ପଡିବ, ଯାହାକି ବିକ୍ରେତା ଯୋଗାଇବା ଅସମର୍ଥ ବୋଲି ସେମାନେ କହିଛନ୍ତି।

## ସଂକ୍ଷେପରେ

### ନରସିଂହପୁର ଗ୍ରାମରେ ଗଜଲକ୍ଷ୍ମୀ ପୂଜା

କାଏମା,୧୮।୧୦(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଅଧୀନ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁର ଗ୍ରାମରେ ଧୁମଧାମରେରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଳିତ ହେଉଛି। ଗ୍ରାମବାସୀ ବୁଧବାର ଭୋର ସମୟରେ ନିକଟସ୍ଥ କେଲୁଅ ନଦୀରୁ ଜଳ ସଂଗ୍ରହ କରି ଆଣିବା ପରେ ପୂଜା ଆରମ୍ଭ ହୋଇଛି। ହରିବୋଲ ହୁଳହୁଳିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହେଉଛି। ରବିବାର ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ବଟକୃଷ୍ଣ ସାହୁ, ଦଧିବାମନ ସାହୁ, ବସନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୁଶାନ୍ତ କୁମାର ତରାଇ, ମହେଶ ପ୍ରସାଦ ସାହୁ, ରବୀନ୍ଦ୍ର ସାହୁ, ପଞ୍ଚାନନ ପଲେଇ ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି।

### ଖବରଦାତାଙ୍କ ମାତୃ ବିୟୋଗ

ବାଲିଚନ୍ଦ୍ରପୁର,୧୮।୧୦(ଗିରିଜା ପ୍ରସାଦ ସାହୁ)

ବାଲିଚନ୍ଦ୍ରପୁର ଅଞ୍ଚଳର ଖବରଦାତା ତୁଷାର ରଞ୍ଜନ ଜେନାଙ୍କ ମା' ଚଞ୍ଚଳା ଜେନା(୭୦)ଙ୍କ ବିୟୋଗ ହୋଇଯାଇଛି। କିଛି ଦିନ ହେବ ସେ ରୋଗଶଯ୍ୟାରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଗୁରୁବାର ମଧ୍ୟାହ୍ନରେ ତାଙ୍କର ପରଲୋକ ଘଟିଛି। ଚଞ୍ଚଳା ଜଣେ ଈଶ୍ୱର ବିଶ୍ୱାସୀ ଓ ପରଉପକାରୀ ମହିଳା ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବାଲିଚନ୍ଦ୍ରପୁର ପ୍ରେସ୍‌କ୍ଲବ ସଭାପତି ପ୍ରକାଶ ଚନ୍ଦ୍ର ସାମଲ, ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ଉପସଭାପତି ଉତ୍କଳ କେଶରୀ ସାମଲ, ସହସମ୍ପାଦକ ଅଜୟ କୁମାର ଦାଶ, ଜ୍ଞାନରଞ୍ଜନ ପୃଷ୍ଟି ପ୍ରମୁଖ ଭୁଲୁକା ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ

ଚଣ୍ଡିଖୋଲ,୧୮।୧୦(ପ୍ରଦୀପ୍ତକୁମାରପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ନାନପୁରସ୍ଥିତ ଶ୍ରୀଅରବିନ୍ଦ ପାଠଚକ୍ରର ୩୫ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନାନପୁର ମଣ୍ଡଳ ପକ୍ଷରୁ ଦେବାଶିଷ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରବଚକ ବକ୍ତା ଭାବେ ବିପିନ ବିହାରୀ କର, ଦାମୋଦର ଲେଙ୍କା, ଭାସ୍କର ଚନ୍ଦ୍ର ସାହୁ, ହରିହର ମଲିକ ଓ ନାରାୟଣ ଚନ୍ଦ୍ର ସିଂହ ପ୍ରମୁଖ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ବାଣୀ ଓ ଜୀବନ ଶୈଳୀ ଉପରେ ଆଲୋକପାତ କରିଥିଲେ। ପୀତାମ୍ବର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବାଲିଚନ୍ଦ୍ରପୁର, ମାହାଙ୍ଗା, ସାଲେପୁର ଓ କେନ୍ଦ୍ରାପଡ଼ା ଅଞ୍ଚଳର ଶତାଧିକ ଭକ୍ତ ଯୋଗ ଦେଇଥିଲେ। ନାନପୁର ଗ୍ରାମବାସୀ ସହଯୋଗ କରିଥିଲେ। ଦୁର୍ଗାଚରଣ ବେହେରା ଧନ୍ୟବାଦ ଦେଇଥିଲେ।

# ନଗଡ଼ାରେ ଜିଲା ପ୍ରଶାସନର ସମୀକ୍ଷା



ଏକ ଅଙ୍ଗନୱାଡି କେନ୍ଦ୍ରରେ ଜଣେ କର୍ମୀଙ୍କ ସହ ଜିଲା ପ୍ରଶାସନ ଟିମ୍ ଆଲୋଚନା କରୁଛନ୍ତି।

କାଳିଆପାଣି,୧୮।୧୦(ଅସିତ ମହାନ୍ତ)

ଯାଜପୁର ଜିଲା ନୋଡାଲ ଅଧିକାରୀ ରଶ୍ମିତା ପଣ୍ଡାଙ୍କ ସହ ଏକ ଟିମ୍ ଶୁକ୍ରବାର ନଗଡ଼ା ଗସ୍ତ କରି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏହି ଟିମ୍‌ରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, କଳିଙ୍ଗନଗର ଏଡିଏମ୍ ସପନ କୁମାର ନନ୍ଦ, ସୁକିନ୍ଦା ତହସିଲଦାର ଦମୟନ୍ତୀ ସାହୁ, ବିଡିଓ ଅଭିଷେକ ସ୍ୱାଇଁ, ସିଡିପିଓ ନଳିନୀ ପ୍ରଭା ଲେଙ୍କା, ଡିଡବ୍ଲୁଓ ସ୍ୱେତଲିନା ରଥ ଓ ବିଇଓ ନାରାୟଣ ଦାସ ସାମିଲ ହୋଇଥିଲେ। ଅଧିକାରୀମାନେ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପ ଦେଖିବା ସହ ଅଙ୍ଗନୱାଡି କେନ୍ଦ୍ରର ପିଲାଙ୍କ ଖାଦ୍ୟ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଜାଣିବାକୁ ଚାହିଁଥିଲେ। ଉପସ୍ଥିତ ସିଡିପିଓ ବାଦାମ ଲଡୁ ପିଲାଙ୍କୁ ଦେବାକୁ କହିଥିଲେ। ପରେ ଅଧିକାରୀମାନେ ମଝି ନଗଡ଼ାରେ ପହଞ୍ଚି ଲୋକଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ଯୋଜନା ବିଷୟରେ ପଚାରି ବୁଝିଥିଲେ। ସେମାନେ ଘର, ୩୫ କେଜି ଚାଉଳ ଓ ସମସ୍ତ ବୃଦ୍ଧାବୃଦ୍ଧ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା କହିଥିଲେ। ପରେ ତଳ ନଗଡ଼ାରେ ପହଞ୍ଚି ସ୍କୁଲ୍ ଛାତ୍ରୀଛାତ୍ରଙ୍କ ସହ ପାଠ ସମ୍ବନ୍ଧରେ ଆଲୋଚନା କରିଥିଲେ। ପିଲାଙ୍କ ମଧ୍ୟାହ୍ନଭୋଜନ ସମୟରେ ସ୍କୁଲରେ ସମୀକ୍ଷା ବୈଠକ କରିଥିଲେ। ତହସିଲଦାର ଦମୟନ୍ତୀ ସାହୁଙ୍କୁ ନଗଡ଼ା ଜୁଆଙ୍ଗଙ୍କ ସମସ୍ୟା ବିଷୟରେ ବୁଝିବାକୁ ଜିଲା ନୋଡାଲ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଜୀବନ ଜୀବିକା ଶୈଳୀରେ ପରିବର୍ତ୍ତନ, ପାରମ୍ପରିକ ଚାଷ ଉପରେ ଗୁରୁତ୍ୱ, ଅଧିକ ଶିକ୍ଷା ପାଇଁ ନଗଡ଼ା ନିକଟରେ ରହିଥିବା ଛାତ୍ରାବାସରେ ୧୦୦ ସିଟ୍ ବୃଦ୍ଧି ଓ ସ୍କିଲ୍ ଡେଭଲପମେଣ୍ଟ ଦିଗରେ ପଦକ୍ଷେପ ନେବା ପାଇଁ ଆଲୋଚନା ହୋଇଥିଲା। ୧୫ ଦିନ ମଧ୍ୟରେ କ'ଣକ'ଣ କାର୍ଯ୍ୟର ଅଗ୍ରଗତି ହୋଇଛି ତା'ର ରିପୋର୍ଟ ପ୍ରଦାନ କରିବାକୁ ସବୁ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଜିଲା ନୋଡାଲ ଅଧିକରାରୀ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ନଗଡ଼ାରୁ ଫେରି ଖଣି ନିଗମ ଅତିଥିଶାଳାରେ ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ଏହାପରେ କଲରଙ୍ଗିସ୍ଥିତ ହର୍ବାଲ ଗାର୍ଡେନ ଦେଖି ଆଉ କ'ଣ ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରି ଫେରିଥିଲେ।

## ସୋସିଆଲ ମିଡିଆରେ ଖବର ଶେୟାର କରିଥିବା ୨ ଯୁବକଙ୍କୁ ପୋଲିସର ପଚରାଉଚରା

କାଏମା,୧୮।୧୦(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ପ୍ରେସ କ୍ଲବର ଦୁଇ ଖବରଦାତାଙ୍କ ନାମରେ ସୋସିଆଲ ମିଡିଆରେ ଫେକ ଖବର ପୋଷ୍ଟ କରି ଭାଇରାଲ କରିବା ନେଇ ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବେନାମୀଭାବେ ପିଡିଏଫରେ ଖବରକାଗଜ ଢଙ୍ଗରେ ନିଜସ୍ୱ ଭାଷାରେ ଖବରଦାତାଙ୍କ ଚରିତ୍ର ସଂହାର କରିବାକୁ ଉଦ୍ୟମ କରିଥିବା ମୁଖ୍ୟ ଅଭିଯୁକ୍ତ ରାଇଛନ୍ଦା ଗ୍ରାମର ଆଲୋକ ବେହେରା ଓ ବାରବାଟୀ ଅଞ୍ଚଳର ପ୍ରଦୋଷ ନାୟକଙ୍କୁ ପୋଲିସ ଥାନାକୁ ଡକାଇ ପଚରାଉଚରା କରି ଛାଡ଼ିଛି। ଅଭିଯୋଗ ଅନୁଯାୟୀ, ଧର୍ମଶାଳା ପ୍ରେସ୍‌କ୍ଲବର ୨ ଖବରଦାତା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସହିତ ଗୁପ୍ତ ମନ୍ତ୍ରଣା ଚଳାଇ ପ୍ରେସ କ୍ଲବ ଘରକୁ ଭାଙ୍ଗିବା ପାଇଁ ମସୁଧା କରୁଥିବା ନେଇ ଏକ ପିଡିଏଫ ନ୍ୟୁଜ୍ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିଲା। ଏହାକୁ ପରବର୍ତ୍ତୀ ସମୟରେ ଡିଲିଟ କରିଦିଆଯାଇଛି। ଏହି ଘଟଣାର ମାଷ୍ଟର ମାଇଣ୍ଡକୁ ଖୋଜି ବାହାର କରିବା ପାଇଁ ପୋଲିସର ସାଇବର ଟିମ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଖୁବଶୀଘ୍ର ମାଷ୍ଟର ମାଇଣ୍ଡ ଧରାପଡ଼ିବେ ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## ଶ୍ରୀମା ଶ୍ରୀଅରବିନ୍ଦ ଟ୍ରଷ୍ଟର ବାର୍ଷିକ ଉତ୍ସବ ପ୍ରସ୍ତୁତି

ଧର୍ମଶାଳା,୧୮।୧୦(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଗଡ଼ମଧୁପୁରସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟର ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସଭାପତି ସତ୍ୟବ୍ରତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ସମ୍ପାଦକ ଅଲେଖ ନିରଞ୍ଜନ ଧିର ସୂଚନା ଦେଇ କହିଛନ୍ତି, ଆଗାମୀ ବାର୍ଷିକ ଉତ୍ସବ ନଭେମ୍ବରରେ ଅନୁଷ୍ଠିତ ହେବ। ଏହି ଅବସରରେ ସ୍ମରଣିକା ମାତୃପ୍ରତୀକ ପ୍ରକାଶ ପାଇବ। ସ୍ମରଣିକା ପାଇଁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଉପରେ ଗଳ୍ପ, କବିତା, ପ୍ରବନ୍ଧ, ଐତିହାସିକ କାହାଣୀ, ଯୋଗ, ସ୍ୱାସ୍ଥ୍ୟ ରକ୍ଷା ଓ ସର୍ବଜନୀନ ବାଣୀ ଲେଖା ପ୍ରକାଶ କରାଯିବ। ଏହି ଲେଖା ଟ୍ରଷ୍ଟର ପ୍ରତିଷ୍ଠାତା ଆଧ୍ୟାତ୍ମିକ ଗୁରୁ ପ୍ରଶାନ୍ତ କୁମାର ଜେନାମଣି ମାତୃପ୍ରତୀକ ପାଠଚକ୍ର ଗଡମଧୁପୁର ଠିକଣାରେ ଚଳିତ ମାସ ଶେଷସୁଦ୍ଧା ପଠାଇବା ପାଇଁ ସେ ନିବେଦନ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ପ୍ରସନ୍ନ କୁମାର ବାରିକ, ଅରୁଣ ସାହୁ, ସୁରେଶ ନାୟକ, ସୁରେଶ ଚନ୍ଦ୍ର ଧୀର, ଅଭିଜିତ ଜେନାମଣି, ଦେବବ୍ରତ ଧିର ଓ ଅର୍ଜିତ ଜେନାମଣି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଫାଇନାନ୍ସ କର୍ମଚାରୀଠାରୁ ଲୁଟ ଘଟଣାରେ ୩ ଗିରଫ

### ଟଙ୍କା ଭର୍ତ୍ତି ବ୍ୟାଗ୍, ୬ ମୋବାଇଲ ଫୋନ, ୨ ବାଇକ୍ ଜବତ

କଳିଙ୍ଗନଗର,୧୮।୧୦(ଶୁଭାଶିଷ ରାଉତ)



ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାରେ କଳିଙ୍ଗନଗର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କ ନିକଟରୁ ଲୁଟ୍ ଟଙ୍କା ଭର୍ତ୍ତି ବ୍ୟାଗ୍, ୬ ମୋବାଇଲ ଫୋନ ଓ ଦୁଇ ବାଇକ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ରୋଡ ଥାନା ଅନ୍ତର୍ଗତ ତ୍ରିଜଙ୍ଗା କଲୋନୀର ଇନ୍ଦ୍ରମଣି ମହାନ୍ତ(୨୬) ଓ କଳିଙ୍ଗନଗର ଥାନା ଡୁବୁରୀ ମାଟିଆ ସାହିର ସୁବାସ ବେହେରା (୨୪) ଓ ସୁକିନ୍ଦା ଥାନା ପୁରୁଷୋତ୍ତମପୁର ଗାଁର ରାଜେନ୍ଦ୍ର ମହାନ୍ତ(୨୬)।

ଗତ ୮ ତାରିଖ ସନ୍ଧ୍ୟା ୬ ଟାରେ ଯାଜପୁର ରୋଡ୍‌ର ସ୍ପନ୍ଦନ ସ୍ମୃତି ଫାଇନାନ୍ସ କମ୍ପାନୀ କର୍ମଚାରୀ ଟମକା ଅଞ୍ଚଳରୁ ଋଣ ଟଙ୍କା ଆଦାୟ କରି ଡୁବୁରୀ ଅଭିମୁଖେ ବାଇକ୍‌ରେ ଆସୁଥିଲେ। କମଳାବାହାଳି ଛକ ନିକଟରେ ୩ ଜଣ ଯୁବକ ଆସି ତାଙ୍କୁ ଅଟକାଇ ଏକ ଲୁହା ପାଇପରେ ଆକ୍ରମଣ କରିଟଙ୍କା ଥିବା ବ୍ୟାଗ ଛଡ଼ାଇ ନେଇ ଡୁବୁରୀ ଆଡ଼େ ପଳାଇଥିଲେ। ବ୍ୟାଗରେ ୧,୨୭,୫୫୫ ଟଙ୍କା ଓ ମନିପର୍ସରୁ ୨୦୦୦ ଟଙ୍କାକୁ ନେଇ ଯାଇଥିଲେ। କର୍ମଚାରୀ ଜଣଙ୍କ ଡୁବୁରୀରେ ପହଞ୍ଚି ଘଟଣା ସମ୍ପର୍କରେ କମ୍ପାନୀ ମ୍ୟାନେଜରଙ୍କୁ ଜଣାଇଥିଲେ। ମ୍ୟାନେଜର ପ୍ରକାଶ କୁମାର ମଲ୍ଲିକ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଏନେଇ ଥାନାରେ ନମ୍ବର ୨୫୦/୨୪ରେ ଏକ ମାମଲା ରୁଜୁ ହୋଇଛି।

## ସୁରଭିରେ ବେଣାଗଡ଼ିଆ ସ୍କୁଲ ପିଲାଙ୍କୁ ଅଣଦେଖା

### ବିଇଓଙ୍କ ନିକଟରେ ଅଭିଯୋଗ କଲେ ଅଭିଭାବକ

କାଳିଆପାଣି,୧୮।୧୦(ଅସିତ ମହାନ୍ତ)

ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରାଯାଉଛି। ମାତ୍ର ଯାଜପୁର ଜିଲା ସୁକିନ୍ଦା ବ୍ଲକ ଶିକ୍ଷାମଣ୍ଡଳ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଣାଗଡ଼ିଆ ସ୍କୁଲ୍ ଛାତ୍ରୀଛାତ୍ରଙ୍କୁ ଅଣଦେଖା କରାଯାଇଥିବା ବିଇଓଙ୍କ ନିକଟରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଚଳିତ ମାସ ୮ ତାରିଖରେ ସୁକିନ୍ଦା ଶିକ୍ଷାମଣ୍ଡଳ ପକ୍ଷରୁ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ସୁକିନ୍ଦାସ୍ଥିତ ସୁକିନ୍ଦା ଜଗନ୍ନାଥ ହାଇସ୍କୁଲରେ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁକିନ୍ଦା ବ୍ଲକ ରାଂସୋଳ କ୍ଲଷ୍ଟର ଅଧୀନ ବେଣାଗାଡ଼ିଆ ଯୁବଶକ୍ତି ନୋଡାଲ ଉପ୍ରା ବିଦ୍ୟାଳୟର ୭ ଜଣିଆ ଟିମ୍ ଅଂଶଗ୍ରହଣ କରିଥିଲେ। ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ଲୋକନୃତ୍ୟ



ଡିଇଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ଅଭିଭାବକ ଏବଂ ଅନ୍ୟମାନେ।

ପରିବେଷଣ କରିବା ପାଇଁ ସୂଚନା ରହିଥିଲା। ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଲୋକନୃତ୍ୟ ପ୍ରଦର୍ଶନ କରିଥିଲେ। ଏହା ଖୁବ ଉଚ୍ଚ କୁଟୀର ହୋଇଥିଲା। ହେଲେ ପିଙ୍ଗଳ କ୍ଲଷ୍ଟରର ଛାତ୍ରୀଛାତ୍ର ଲୋକନୃତ୍ୟ ବଦଳରେ ରଜଉତ୍ସବ, ଅକ୍ଷୟ ତୃତୀୟା ଜନ୍ମାଷ୍ଟମୀ ଓ କୁମାର ପୂର୍ଣ୍ଣିମା ଉପରେ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମାତ୍ର ଚୟନ କରୁଥିବା ବିଚାରକ ମଣ୍ଡଳୀ ଲୋକନୃତ୍ୟ ପରିବେଷଣ କରୁଥିବା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପ୍ରଥମ ସ୍ଥାନରେ ଚୟନ କରିନାହାନ୍ତି। ଏନେଇ ଆୟୋଜକଙ୍କୁ ପଚାରିଥିଲେ ମଧ୍ୟ ସେମାନେ ଉତ୍ତର ଦେବା ବଦଳରେ ଅଣଦେଖା କରି କଥାକୁ ଏଡ଼ାଇ ଯାଇଛନ୍ତି। ଏହାକୁ ନେଇ ବିଦ୍ୟାଳୟର କମିଟି ସଦସ୍ୟ ଓ ଅଭିଭାବକ ଏକ ବୈଠକ କରି ଏହାର ପୁନଃବିଚାର କରିବା ପାଇଁ ବିଇଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ବିଇଓ ୧୮ ତାରିଖରେ ବୁଝିବାକୁ ସମୟ ନେଇଥିଲେ। ମାତ୍ର ସେ ଅଦ୍ୟାବଧି ତା'ର ବିଚାର କରିବା ବଦଳରେ ଫୋନରେ ଯୋଗାଯୋଗ କଲେ କଥା ଶୁଣିବା ପୂର୍ବରୁ ଫୋନ କାଟି ଦେଉଥିବା ପରିଚାଳନା କମିଟି ଉପସଭାପତି ମାଳତି ମହାନ୍ତ, ଅଭିଭାବକ ସରସ୍ୱତୀ ବେହେରା, ସସ୍ମିତା ମହାନ୍ତ ଓ ଦ୍ରୌପଦୀ ମହାନ୍ତ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସୁକିନ୍ଦା ବିଇଓ ନାରାୟଣ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ବିଚାରକ ମଣ୍ଡଳୀ ଯାହା ନିଷ୍ପତ୍ତି ନେଇଛନ୍ତି, ତାହା କାର୍ଯ୍ୟକାରୀ ହେବ। ଏଥିରେ କୌଣସି ପରିବର୍ତ୍ତନ ହେବନାହିଁ।

# ବାତ୍ୟା ଆଶ୍ରୟସ୍ଥଳ ଅବସ୍ଥା ସୁଧୁରୁନି

- ଆସୁଛି ଲଘୁଚାପ, ବାତ୍ୟାକୁ ନେଇ ଲୋକଙ୍କ ଚିନ୍ତା
- ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ କେତେ ପ୍ରସ୍ତୁତ

ପଟ୍ଟାମୁଣ୍ଡାଇ,୧୮।୧୦ (କଳ୍ପତରୁ ନାୟକ)

କେନ୍ଦ୍ରୀୟ ବଙ୍ଗୋପସାଗରରେ ୨୨ ତାରିଖରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ଲଘୁଚାପ କ୍ଷେତ୍ର ସୃଷ୍ଟି ପରେ ଚିତ୍ର ଆହୁରି ସ୍ପଷ୍ଟ ହେବ। ତେବେ ବାତ୍ୟା ନେଇ କୌଣସି ସୂଚନା ସ୍ପଷ୍ଟ ହୋଇନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ମାତ୍ର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଶାସନ ଜିରୋ କାଜୁଆଲଟିକୁ ଗୁରୁତ୍ୱ ଦେଇ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନିର୍ମାଣ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳ ମଧ୍ୟରୁ ଅନେକ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଯାଇଛି। ସେଠାରେ ଲୋକେ ଆଶ୍ରୟ ନେଲେ ନିଜ ଜୀବନ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ବାତ୍ୟା ଆଶ୍ରୟସ୍ଥଳ ନିର୍ମିତ ହୋଇଛି ସତ ହେଲେ ଏବେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ ନ ଥିବା କୁହାଯାଉଛି।

ସାମାଜିକ କର୍ମୀ ପ୍ରବୀର ନାୟକ, ଅନନ୍ତ ଦାଶ, କ୍ଷୀରୋଦ ମଲିକ, ସ୍ୱରୂପାନନ୍ଦ ସାମଲ, ଅଇନଜୀବୀ ପ୍ରମୋଦ ସାହୁ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନେକ ପଞ୍ଚାୟତ ୧୯୯୯ ମହାବାତ୍ୟାରେ ଧ୍ୱଂସ ସ୍ତୂପରେ ପରିଣତ ହୋଇଥିଲା। ତେବେ ଏହା ପରଠାରୁ ବିଭିନ୍ନ ଅଞ୍ଚଳରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ବିଭିନ୍ନ ବାତ୍ୟାପ୍ରବଣ ଅଞ୍ଚଳରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଇଥିଲା। ସେଠାରେ ଓସ୍‌ଡମା ପକ୍ଷରୁ ବାତ୍ୟା ତଥା ବନ୍ୟା ସମୟରେ ବିପନ୍ନମାନଙ୍କୁ ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା ଯୋଗାଇବା ପାଇଁ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଓ ବିଭିନ୍ନ ସରଞ୍ଜାମ ରଖାଯାଇଥିଲା। ପଟ୍ଟାମୁଣ୍ଡାଇ, ବ୍ଲକରେ ୧୩ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଇଥିଲା। ଉକ୍ତ କେନ୍ଦ୍ରରେ



କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ନିର୍ମିତ ଖଡ଼ିଅଣ୍ଟା ବାତ୍ୟା ଆଶ୍ରୟସ୍ଥଳ ଜରାଜୀର୍ଣ୍ଣ।

୨ଟି ଲେଖାଏ ଆସ୍କା ଲାଇଟ, ୨ଟି ଚେନସ(କଟର), ଡିଜି ସେଟ, ସାଇରନ, କ୍ୟାଟରିଂ ସେଟ(୧୫୦୦-୨୦୦୦ ଲୋକଙ୍କ ପାଇଁ), ଲାଇଫ ଜ୍ୟାକେଟ ଆଦି ପାଖାପାଖି ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସରଞ୍ଜାମ ଯୋଗାଇ ଦିଆଯାଇଥିଲା। ବାତ୍ୟା ଆଶ୍ରୟସ୍ଥଳ ଓ ଉପରୋକ୍ତ ସରଞ୍ଜାମ ରକ୍ଷଣାବେକ୍ଷଣ ପାଇଁ ବାତ୍ୟା ଆଶ୍ରୟସସ୍ଥଳ ରକ୍ଷଣାବେକ୍ଷଣ କମିଟି ଗଠନ କରାଯାଇଥିଲା। ପ୍ରତି କେନ୍ଦ୍ର ଅଧୀନରେ ସ୍ୱେଚ୍ଛାସେବୀ ତାଲିମପ୍ରାପ୍ତ ହୋଇ ସମ୍ଭାବ୍ୟ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା ଯୋଗାଇବାକୁ ପ୍ରସ୍ତୁତ ହୋଇ ରହିଥିଲେ। କିନ୍ତୁ ଏବେ ଏସବୁ ପ୍ରାୟତଃ କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ। ଅନେକ କେନ୍ଦ୍ରରେ ଏହାକୁ ବିକ୍ରି କରିଦିଆଯାଇଛି। ଅନ୍ୟଥା କେଉଁଠାରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ବି ଆଉ ନାହାନ୍ତି। କେବଳ ବାତ୍ୟା ଆଶ୍ରୟସ୍ଥଳ ରକ୍ଷଣାବେକ୍ଷଣ କମିଟି ନାମକୁ ମାତ୍ର ରହିଛି। ଏହାର ସମ୍ପାଦକମାନଙ୍କ ହେପାଜତରେ ଉପରୋକ୍ତ ସରଞ୍ଜାମ ରଖାଯାଇଛି। କେତେଗୋଟି ବାତ୍ୟା ଆଶ୍ରୟସ୍ଥଳରେ ସମ୍ପାଦକମାନେ ୨୩ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱରେ ରହିଛନ୍ତି। ଏତେ ପରେ ମଧ୍ୟ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକ କେମିତି ଅଛି, ତା' ଉପରେ କାହାର ନଜର ପଡୁନାହିଁ। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଭିନ୍ନ ରାଜ୍ୟର ସହାୟତାରେ ଗ୍ରାମରେ ହୋଇଥିବା ବାତ୍ୟାଆଶ୍ରୟସ୍ଥଳଗୁଡ଼ିକ କେତେକ ସ୍ଥାନରେ ଭାଙ୍ଗି ଯାଇଥିବାବେଳେ ଅନେକ ସ୍ଥାନରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କୁ ପଚାରିବାରେ କର୍ଣ୍ଣାଟକ, ରାଉରକେଲା ଷ୍ଟିଲ ପ୍ଲାଟ ଦ୍ୱାରା ନିର୍ମିତ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଛି। ଏଗୁଡ଼ିକୁ କମିଟି ତଦାରଖ କରୁଥିବାବେଳେ କେତେକ ସ୍ଥାନରେ ଅଣଦେଖା କରାଯାଇଥିବା ସେ କହିଛନ୍ତି।

## ଗଜଲକ୍ଷ୍ମୀ ପୂଜା ଲାଗି ପଟ୍ଟାମୁଣ୍ଡାଇ ଉତ୍ସବମୁଖର



ପଟ୍ଟାମୁଣ୍ଡାଇ ମିରବେକଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା।

ପଟ୍ଟାମୁଣ୍ଡାଇ,୧୮।୧୦(କଳ୍ପତରୁ ନାୟକ)

ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଲାଗି ପଟ୍ଟାମୁଣ୍ଡାଇ ଅଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଛି। ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରତ୍ୟେକ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଦେଖିବାକୁ ମିଳିଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ମା 'ଙ୍କ ଆରାଧନା ଚାଲିଛି। ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଗୋଗୁଆ ବଜାରରେ ୪ଟି ଗଜଲକ୍ଷ୍ମୀ ମୂର୍ତ୍ତି ସ୍ଥାପନ ହୋଇଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ଗଜଲକ୍ଷ୍ମୀ ମେଢ଼ ନିକଟରେ ଭଜନ କାର୍ଯ୍ୟକ୍ରମ ଚାଲୁ ରହିଛି। ଭଲ ପାଗ ଯୋଗୁ ଶ୍ରଦ୍ଧାଳୁମାନଙ୍କ ଗହଳି ପରିଲକ୍ଷିତ ହେଉଛି। ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ ବିଭିନ୍ନ ମେଢ଼ ବୁଲି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହାଛଡ଼ା ପ୍ରକୃତିପଲ୍ଲୀ ଶ୍ରୀରାମପୁର ପାଳପାଟଣାଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଚାଲିଛି। ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପଟ୍ଟାମୁଣ୍ଡାଇ ସମେତ ପାଳପାଟଣାର ଗଜଲକ୍ଷ୍ମୀ ମେଢ଼ ପରିଦର୍ଶନ କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଜନସାଧାରଣଙ୍କୁ ପୂଜା ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ ଧକ୍କାରେ ମହିଳା ଗୁରୁତର

ରାଜକନିକା,୧୮।୧୦(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ସଦର ବାଘବୁଦା ପଞ୍ଚାୟତ ଆରସା ଗାଁରେ ଶୁକ୍ରବାର ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ମହିଳା ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ସେ ହେଲେ ଆରସା ଗାଁର ସୁଦର୍ଶନ ବେହେରାଙ୍କ ଝିଅ ବସୁମତୀ (୫୨)। ସେ ଜଣେ ଅଙ୍ଗନୱାଡି କର୍ମୀ।

ପ୍ରତିଦିନ ଭଳି ସକାଳ ୬ଟାରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ (୯-ଏ)ରେ ପ୍ରାତଃ ଭ୍ରମଣରେ ଆସି ନିକଟ କଣ୍ଟାପଡ଼ା ବଜାରରୁ ନିଜ ଘର ଆରସା ଗାଁକୁ ବସୁମତୀ ଫେରୁଥିଲେ। ହଠାତ ଚାନ୍ଦବାଲି ପଟୁ ଦ୍ରୁତଗତିରେ ଆସୁଥିବା ଏକ ଚୋରା କୋଇଲା ବୋଝେଇ ପିକଅପ୍ ଭ୍ୟାନ(ଓଡି ୨୨ ୟୁ ୬୫୮୩)ର ଚକା ବାହାରିଯିବା ଫଳରେ ଭାରସାମ୍ୟ ହରାଇ ଡାହାଣ କଡ଼ରେ ଥିବା ଏକ ବଣକୁ ମାଡ଼ିଆସିଥିଲା। ଠିକ୍ ଏହି ସମୟରେ ଗାଡ଼ିର ସମ୍ମୁଖ ଅର୍ଥାତ ବଜାର ପଟୁ ନିଜ ବାମ ପଟେ ଫେରୁଥିବା ପ୍ରାତଃ ଭ୍ରମଣକାରୀ ବସୁମତୀ ଗାଡିର ଚକା ବାହାରିଯିବା ଓ ଗାଡିଟି ତାଙ୍କ ଆଡ଼କୁ ମାଡ଼ି ଆସୁଥିବା ଦେଖି ଜୀବନ ବଞ୍ଚାଇବାକୁ ଉଦ୍ୟମ କରି ସେ ମଧ୍ୟ ରାସ୍ତାରୁ ବଣ ଆଡ଼କୁ ଯାଇଥିଲେ। ହେଲେ ଭାରସାମ୍ୟ ହରାଇଥିବା ପିକ୍‌ଅପ୍ ଭ୍ୟାନଟି ଖୁବ୍ ଜୋରରେ ବସୁମତୀଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବସୁମତୀ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ବସୁମତୀଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ।





ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ଡାକ୍ତର ସ୍ଥାନାନ୍ତର କରିଥିଲେ। ତେବେ ଘଟଣାସ୍ଥଳରୁ ଗାଡ଼ି ଛାଡ଼ି ଚାଳକ ଫେରାର ହୋଇଯାଇଛନ୍ତି।

ସୂଚନାଯୋଗ୍ୟ, ଭଦ୍ରକ ଜିଲା ଧାମରା ଅଞ୍ଚଳରୁ ଏହି ଚୋରା କୋଇଲା ବୋଝେଇ ଗାଡ଼ି ଚାନ୍ଦବାଲି ଥାନା ଅଞ୍ଚଳ ଦେଇ ପ୍ରତିଦିନ ବେଆଇନ ଭାବେ ଦ୍ରୁତ ଗତିରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ(ଏସ୍ ଏଚ୍-୯ ଏ)ର ରାଜକନିକା ଥାନା ଅଞ୍ଚଳ ଦେଇ ଶହ ଶହ ପିକ୍‌ଅପ ଭ୍ୟାନ ଯାଉଛି। ହେଲେ ରାଜକନିକା ପୋଲିସ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆ ଯାଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି। ବାରମ୍ବାର ଛୋଟ ବଡ଼ ଦୁର୍ଘଟଣା ଘଟୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀଙ୍କ କହିବା କଥା, ଚୋରା କୋଇଲା ଗାଡ଼ିଗୁଡିକ ଏତେ ଦ୍ରୁତ ବେଗରେ ଯାଉଛି ଯେ, ରାସ୍ତାରେ ଯିବାଆସିବା କରିବାକୁ ଭୟ ଲାଗୁଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ବିଶେଷ ଦୃଷ୍ଟି ଦେଇ ଏହି ଚୋରା ଚାଲାଣ ରୋକିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ ଆଗାମୀଦିନରେ ଅନେକ ଧନଜୀବନ ହାନି ଘଟିପାରେ। ଏହି ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନକୁ ପୋଲିସ ଜବତ କରି ଅଧିକ ତଦନ୍ତ ଚଳାଇଥିବା ଆଇଆଇସି ଦିଲୀପ କୁମାର ଧଳ ସୂଚନା ଦେଇଛନ୍ତି।

## ମା' ଧନଦାତ୍ରୀଙ୍କ ପୂଜା ପାଇଁ ଚଳଚଞ୍ଚଳ ଚାନ୍ଦୋଳ ବଜାର



ଚାନ୍ଦୋଳ ବଜାର ପୂଜା ମଣ୍ଡପ।



ପଲାଇ ରଘୁନାଥପୁର ଜେନାସାହି ପୂଜା ମଣ୍ଡପ।

ଡେରାବିଶ ୧୮।୧୦(ବେବର୍ତ୍ତା ଅଜୟ ଦାସ)

### ୩ୟ ସନ୍ଧ୍ୟାରେ ପୂଜା ମଣ୍ଡପରେ ଗହଳି

ମା' ଧନଦାତ୍ରୀଙ୍କ ପୂଜା ଡେରାବିଶ ବ୍ଲକ ଅଞ୍ଚଳରେ ଗଣପର୍ବ ଭାବେ ପାଳିତ ହେଉଛି। ତେବେ କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ବଜାର ଭାବେ ପରିଚିତ ଚାନ୍ଦୋଳରେ ଏହି ପୂଜା ବହୁ ପ୍ରାଚୀନ। ୧୩ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପରେ ମା' ଧନଦାତ୍ରୀ ବୁଧବାରଠାରୁ ପୂଜା ପାଇ ଆସୁଛନ୍ତି। ଅନୁକୂଳ ପାଗ ପାଇଁ ଶୁକ୍ରବାର ପୂଜାର ୩ୟ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ତେବେ ପୂଜା ମଣ୍ଡପର କର୍ମକର୍ତ୍ତାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ବଜାର କମିଟି ସଭାପତି ଶିବାଶିଷ ମହାନ୍ତି ସୂଚନା ଦେଇଛନ୍ତି। ଠୁଙ୍କାପୁରୀ, ଗୁପଚୁପ୍, ଚାଟ୍, ଅନ୍ୟାନ୍ୟ ଫାଷ୍ଟ ଫୁଡ୍ ସାଙ୍ଗକୁ ଆଇସ୍‌କ୍ରିମ୍, ଘରକରଣା ସାମଗ୍ରୀ ଦୋକାନରେ ମହିଳାଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଭିଡ଼କୁ ନଜରରେ ରଖବ ସଦର ଥାନା ଓ ଚାନ୍ଦୋଳ ଫାଣ୍ଡି ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି। ବଜାର ମଧ୍ୟ ଦେଇ ଯାଇଥିବା କଟକ-ଚାନ୍ଦବାଲି ରାସ୍ତାରେ ଭାରିଯାନ ଓ ଗାଡ଼ି ପାର୍କିଂ ଉପରେ କଟକଣା କରାଯାଇଥିବା ଫାଣ୍ଡି ଅଧିକାରୀ ପ୍ରତାପ କୁମାର ରଥ ସୂଚନା ଦେଇଛନ୍ତି। ଏଥିସହ ଏକ ଅସ୍ଥାୟୀ ପୋଲିସ ଶିବିର ଖୋଲାଯାଇଥିବାବେଳେ ସଦର ଥାନାର ପ୍ରମୁଖ ଅଧିକାରୀ ଉପସ୍ଥିତ ରହି ପରିସ୍ଥିତି ଉପରେ ନିୟନ୍ତ୍ରଣ ରଖିଛନ୍ତି। ୯ଦିନ ଧରି ଏହି ପୂଜା ହେବ ବୋଲି ବଜାର କମିଟି ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଓ ଯୁଗ୍ମ ସମ୍ପାଦକ ମିହିର ସାମଲ ସୂଚନା ଦେଇଛନ୍ତି। ତେବେ ପୂଜାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଶାନ୍ତି କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁ ଓ ଉପାଧ୍ୟକ୍ଷ ସରୋଜକାନ୍ତ ପଣ୍ଡା କମିଟି ପକ୍ଷରୁ ଅସ୍ଥାୟୀ ଭାବେ ଖୋଲାଯାଇଥିବା ସୁଚନାକେନ୍ଦ୍ରରେ ଉପସ୍ଥିତ ରହିପରିସ୍ଥିତିପ୍ରତିନଜର ରଖିଛନ୍ତି।

## ଅଜଣା ଜନ୍ତୁକୁ ନେଇ ନହଙ୍ଗରେ ଆତଙ୍କ

ଡେରାବିଶ, ୧୮।୧୦ (ବେବର୍ତ୍ତା ଅଜୟ ଦାସ)

ଅଜଣା ଜନ୍ତୁକୁ ନେଇ ଡେରାବିଶ ବ୍ଲକ ଅନ୍ତର୍ଗତ ନହଙ୍ଗ ପଞ୍ଚାୟତ ଅଞ୍ଚଳର ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ୪ ତଳେ ନହଙ୍ଗ ଗ୍ରାମର ଗୋବିନ୍ଦ ପଣ୍ଡାଙ୍କ ବାରିରେ ଏକ ଅଜଣା ଜନ୍ତୁ ଚିତ୍କାର କରୁଥିବା ଶୁଣି ପରିବାର ଲୋକ ଛାତ ଉପରୁ ଯାଇ ଜନ୍ତୁଟିକୁ ଦେଖିବାକୁ ପାଇଥିଲେ। ଜନ୍ତୁଟି ଚିତା ବାଘର ଆକୃତି ସଦୃଶ ହୋଇଥିବାରୁ ପରିବାର ଲୋକ ବାଘ ଭାବି ଆତଙ୍କିତ ହୋଇଥିଲେ। ଏ ବିଷୟରେ ସ୍ଥାନୀୟ ବନ କର୍ମଚାରୀଙ୍କ ସହ ରାଜନଗର ବନଖଣ୍ଡ ଅଧିକାରୀଙ୍କୁ ଖବର ଦେଇଥିଲେ। ପରେ ବନ କର୍ମଚାରୀମାନେ ଘଟଣାସ୍ଥଳକୁ ଆସି ପାଟ୍ରୋଲିଂ କରିଥିଲେ ମଧ୍ୟ ଜନ୍ତୁର କୌଣସି ସନ୍ଧାନ ମିଳି ନ ଥିଲା। ହେଲେ ଶୁକ୍ରବାର ସନ୍ଧ୍ୟାରେ ନହଙ୍ଗ ଗ୍ରାମର ଏକ ଏକ ଗଛର ବୁଦାମୁଳେ ଉକ୍ତ ଜନ୍ତୁଟି ଶୋଇଥିବା କେତେଜଣ ଲୋକ ଦେଖିବାକୁ ପାଇଥିଲେ ବୋଲି ପ୍ରଚାର ହୋଇଥିଲା। ଏହାକୁ ନେଇ ସାଧାରଣରେ ଆତଙ୍କ ଦେଖାଦେଇଛି। ଜନ୍ତୁକୁ ତୁରନ୍ତ ଉଦ୍ଧାର କରିବାକୁ ବନ ବିଭାଗ ପଦକ୍ଷେପ ନେବାକୁ ସରପଞ୍ଚ ବିଳାସିନୀ ସେଠୀ ଓ ପୂର୍ବତନ ସରପଞ୍ଚ ରଶ୍ମୀରଞ୍ଜନ ପଣ୍ଡା ଦାବି କରିଛନ୍ତି।

## ଏମ୍‌ଏନ୍ ହାଇସ୍କୁଲରେ ଆଲୋଚନାଚକ୍ର





କୃତୀ ପ୍ରତିଯୋଗୀମାନେ ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ପଟ୍ଟାମୁଣ୍ଡାଇ ୧୮।୧୦ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଗାନ୍ଧୀ ଦର୍ଶନ ଉପରେ ଏକ ଆଲୋଚନାଚକ୍ର ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୂର୍ଯ୍ୟ କୁମାର ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି କବି ନିରୁପମା ଦାସ, ଗାନ୍ଧୀ ପ୍ରତିଷ୍ଠାନ ଜିଲା ସମ୍ପାଦକ ଆଦିକନ୍ଦ ରାଉତ ମୁଖ୍ୟବକ୍ତା ଓ ଉପସଭାପତି ରବୀନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅହିଂସା, ଶାନ୍ତି ପ୍ରତିଷ୍ଠା ଓ ଗାନ୍ଧୀବାଦ ଉପରେ ଆଲୋଚନା କରିଥିଲେ। ଏନ୍‌ସିସି ଶିକ୍ଷକ ସରୋଜ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦେବାଶିଷ ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ଅନିତା ଧଳ ଧନ୍ୟବାଦ ଦେଇଥିଲେ। ଏଇ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ସମୀକ୍ଷା କର, ୨ୟ ସ୍ଥାନ ଅଧିକାର କରିଥିବା ମୋନାଲିସା ଗେରୁ ଓ ୩ୟ ସ୍ଥାନ ଅଧିକାର କରିଥିବା ସାଇ ରୁପାନନ୍ଦଙ୍କୁ ପୁରସ୍କାର ବିତରଣ କରାଯାଇଥିବାବେଳେ ପାୟଲ ମିର୍ଜାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା।

## ୨୧ରେ ଧାରଣାରେ ବସିବେ ଅଙ୍ଗନୱାଡି କର୍ମୀ



ଅଙ୍ଗନୱାଡି କର୍ମୀମାନେ ସିପିଓ ଦାୟିତ୍ୱରେ ଥିବା ବିଡିଓଙ୍କ ଦାବିପତ୍ର ଦେଉଛନ୍ତି।

ରାଜନଗର, ୧୮।୧୦(ଭାସ୍କର ରାଉତରାୟ)

### କର୍ମୀଙ୍କୁ ସୁପରଭାଇଜରଙ୍କ ଗାଳିଗୁଲଜ ଘଟଣା

ରାଜନଗର ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନାରେ କାର୍ଯ୍ୟରତ ସୁପରଭାଇଜର ଅଙ୍ଗନୱାଡି କର୍ମୀଙ୍କୁ ଗାଳିଗୁଲଜ କରିଥିବା ନେଇ ସିଡିପିଓ ଦାୟିତ୍ୱରେ ଥିବା ବିଡିଓଙ୍କ ନିକଟରେ କର୍ମୀମାନେ ଗତ ୪ ତାରିଖରେ ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ମୁତାବକ ୨ ତାରିଖରେ ମହାଳୟା ଛୁଟି ଥିଲା। ଈଶ୍ୱରପୁର ସେକ୍ଟରର କେତେଜଣ ଅଙ୍ଗନୱାଡି କର୍ମୀ ମୋବାଇଲରେ ପୋଷଣ ଅନ୍ କରି ନ ଥିଲେ। ଈଶ୍ୱରପୁର ସେକ୍ଟର ଦାୟିତ୍ୱରେ ଥିବା ସୁପରଭାଇଜର ବିଜୟାଲକ୍ଷ୍ମୀ ସ୍ୱାଇଁ ସେକ୍ଟର ହ୍ୱାଟ୍‌ସଆପ୍ ଗ୍ରୁପରେ ଧମକପୂର୍ଣ୍ଣ ଅଡିଓ ମେସେଜ ପଠାଇଥିଲେ। ମେସେଜରେ ଅଶ୍ଲୀଳ ଭାଷାରେ ଗାଳି ଗୁଲଜ ସହ ଚୋରଣୀ, ଗଧୁଣି ଆଦି କହିଥିବା ନେଇ ଅଭିଯୋଗ କରିଥିଲେ। ଏ ନେଇ ୧୪ ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ସୁପରଭାଇଜରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଆସନ୍ତା ୨୧ ତାରିଖରୁ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଈଶ୍ୱରପୁର ସେକ୍ଟରର ଅଙ୍ଗନୱାଡି କର୍ମୀ ମଞ୍ଜୁବାଳା ମଲିକ, ପ୍ରଭାତ ନଳିନୀ ମହାନ୍ତି, ଦୀପାଳି ମଲିକ, ପ୍ରମିଳା ରାଉଳ, ମହିମା ଦାସ, ମାଳତି ସୂତାର, ବେଳବତୀ ରାଉତ, କନକଲତା ଦାସ ପ୍ରମୁଖ ସିଡିପିଓ ଦାୟିତ୍ୱରେ ଥିବା ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା



ପାରାଦୀପ, ୧୮।୧୦(ଶରତ ରାଉତ)

### ପିସିଆର ଚାଳକ ସୁକେଶ ହତ୍ୟା ଘଟଣା

ପିସିଆର ଚାଳକ ମୃତ୍ୟୁ ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ବଡ଼ପଡ଼ିଆଠାରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଏନେଇ ଏକ ଦାବିପତ୍ର ପାରାଦୀପ ଆଦର୍ଶ ଥାନା ଅଧିକାରୀଙ୍କୁ ଦିଆଯାଇଛି। ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଶୋଭାଯାତ୍ରାରେ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ, ସରୋଜ ପ୍ରଧାନ, ସଂଘମିତ୍ରା ସ୍ୱାଇଁ, ମୃତ ସୁକେଶଙ୍କ ବାପା ସୁନିଲ ମଣ୍ଡଳ ଓ ବଙ୍ଗାଳିପଡ଼ା ବାସିନ୍ଦା ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଅଗଷ୍ଟ ୩୧ରେ ପିସିଆର ଚାଳକ ସୁକେଶ ମଣ୍ଡଳଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଥିଲା। ଏହି ଘଟଣାରେ ମୃତକଙ୍କ ବାପା ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ନଂ. ୨୧୯/୨୪ରେ ମାମଲା ରୁଜୁ କରିଥିଲେ ହେଁ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରିନାହିଁ। ଜଣେ କମ୍ପାନୀ ମ୍ୟାନେଜରଙ୍କ ନାମରେ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଗୁରୁବାର ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି।

## ପୋଲିସ ଗାଡ଼ିକୁ ଅଟକ ରଖିଲେ

ବାଲିକୁଦା,୧୮।୧୦(ତାପସ ସ୍ୱାଇଁ)

### ଗୋଷ୍ଠୀ ବିବାଦର ତଦନ୍ତ କରିବାକୁ ଆସି ପୋଲିସ ହଟହଟା



ବାଲିକୁଦା ବ୍ଲକ ବନ୍ଦର ସାମୁଦ୍ରିକ ଥାନା ଅନ୍ତର୍ଗତ ଫୁଲୁପାଟଣା ଗାଁରେ ୨ ଗୋଷ୍ଠୀ ବିବାଦର ତଦନ୍ତ କରିବାକୁ ପୋଲିସ ଆସିଥିବବେଳେ ହଟହଟା ହୋଇଛି। ଗୋଟିଏ ଗୋଷ୍ଠୀ ପୋଲିସ ଗାଡ଼ିକୁ ଅଟକ ରଖି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି। ପରେ ଏସ୍‌ଡିପିଓ ରଶ୍ମିରଞ୍ଜନଙ୍କ ଗାଡ଼ି ଅଟକ ରଖିଥିବା ଗୋଷ୍ଠୀଙ୍କ ସହ ଟେଲିଫୋନ ମାଧ୍ୟମରେ ଯୋଗାଯୋଗ କରିବା ସହ ଉଭୟ ଗୋଷ୍ଠୀ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେବା ପରେ ଗାଡ଼ିକୁ ଛାଡ଼ି ଦିଆଯାଇଛି। ଅକ୍ଟୋବର ୧୪ ରାତି ପ୍ରାୟ ୧୧ଟା ବେଳେ ଫୁଲୁପାଟଣା ଗ୍ରାମର କେତେଜଣ ଯୁବତୀ କୁମାର ପୂର୍ଣ୍ଣିମା ପୂର୍ବରୁ ରାସ୍ତାକଡ଼ରେ ଖେଳୁଥିଲେ। ଏହି ସମୟରେ ଉକ୍ତ ଗାଁର ସରୋଜ ବେହେରା ଏକ ବାଇକ୍‌ରେ ଦ୍ରୁତଗତିରେ ସେହିବାଟ ଦେଇ ଯାଇଥିଲେ। ଏ ନେଇ ଖେଳୁଥିବା ଝିଅମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ତୋର କ'ଣ ଆଖି ନାହିଁ ବୋଲି କହି ପାଟି କରିଥିଲେ। ପଛରେ ଆସୁଥିବା ସରୋଜଙ୍କ ଜଣେ ସାଥୀ ଏହାଶୁଣି ସମ୍ପୃକ୍ତ ଝିଅମାନେ ତାଙ୍କୁ ଗାଳି କରୁଥିବା ଭାବିଥିଲେ। କ'ଣ ପାଇଁ ଗାଳି କରୁଛ ବୋଲି ଝିଅମାନଙ୍କୁ ସରୋଜଙ୍କ ସାଥୀ ପ୍ରଶ୍ନ କରିଥିଲେ। ଏ ନେଇ ଉଭୟପକ୍ଷ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ଏହି ଘଟଣାକୁ ନେଇ ୧୫ ତାରିଖ ରାତି ପ୍ରାୟ ୧୧ ଟାରେ ସରୋଜ କେତେଜଣ ସହଯୋଗୀ ସହ ପୁନର୍ବାର ସେଠାରେ ପହଞ୍ଚି ଝିଅମାନଙ୍କ ସହ ଗଣ୍ଡଗୋଳ କରିଥିଲେ। ଏଥିସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ମିନତି ବେହେରା ଆହତ ହୋଇଥିଲେ। ସେ ସାମାନ୍ୟ ସୁସ୍ଥ ହୋଇ ଫେରିବାପରେ ୧୭ ତାରିଖରେ ଥାନାରେ ୧୨ଜଣଙ୍କ ବିରୋଧରେ ଆକ୍ରମଣ ଅଭିଯୋଗ ଆଣିଥିଲେ। ଏନେଇ ବନ୍ଦର ପୋଲିସ ପକ୍ଷରୁ ମାମଲା (ନଂ. ୪୧/୧୦) ରୁଜୁ କରାଯାଇଥିଲା। ପରେ ସରୋଜଙ୍କ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ କରାଯାଇଥିଲା। ସେଥିରେ ଦର୍ଶାଯାଇଥିଲା ଯେ, ୪ ଜଣ ଯୁବକ ତାଙ୍କୁ ଦିନପ୍ରାୟ ୧୧ଟା ସମୟରେ ଅଟକ ରଖିବା ସହ ତାଙ୍କ ନିକଟରେ ଥିବା ୧୯ ହଜାର ଟଙ୍କା ଓ କଳା ରଙ୍ଗର ବାଇକ୍‌କୁ ଛଡ଼ାନେଇଛନ୍ତି। ଏହାପରେ ଉଭୟ ପକ୍ଷକୁ ପୋଲିସ ଥାନାକୁ ଡାକି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇ ନ ଥିଲା। ଏହାପରେ ସରୋଜଙ୍କ ଜଣେ ସମ୍ପର୍କୀୟ ଥାନାରେ ଅଭିଯୋଗ କରିଥିଲେ ଯେ, ୧୫ ତାରିଖ ରାତିରେ ସେ ଘରେ ଏକୁଟିଆ ଥିବା ସମୟରେ ମୀନତିଙ୍କ ଗୋଷ୍ଠୀର ୨ ଜଣ ଯୁବକ ସେଠାରେ ପହଞ୍ଚି ତାଙ୍କ ସହ ଅସଦାଚରଣ କରିଥିଲେ। ଏନେଇ ଥାନାରେ ମାମଲା ନଂ. ୪୨/୧୦ ରୁଜୁ ହୋଇଥିଲା। ଏହି ଘଟଣାର ତଦନ୍ତ କରିବାକୁ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଅଭୟ ପରିଡା ଶୁକ୍ରବାର ଗାଁକୁ ଆସିଥିବାବେଳେ ମିନତି ଓ ତାଙ୍କ ସହଯୋଗୀ ପୋଲିସ ଗାଡ଼ିକୁ ଅଟକାଇ ପ୍ରଥମେ ସେମାନେ ଅଭିଯୋଗ କରିଥିବାରୁ ସରୋଜ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ।

# ଖଣ୍ଡପଡ଼ାରେ ଶିଶୁ ଶାରଦୀୟ କୁମାର ଉତ୍ସବ

## ଲୁଚି ରହିଥିବା ପ୍ରତିଭାର ବିକାଶ ଏହି ଉତ୍ସବର ଲକ୍ଷ୍ୟ

ଖଣ୍ଡପଡ଼ା,୧୮।୧୦ (ଅଜୟ କୁମାର ମହାରଣା)



ଶାରଦୀୟ ଶିଶୁ ଉତ୍ସବରେ ମଞ୍ଚାସୀ ଅତିଥି ।

ଖଣ୍ଡପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଶାରଦୀୟ କୁମାର ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଖଣ୍ଡପଡ଼ା ସହରର ଦାଣ୍ଡସାହିରେ ଦୀର୍ଘ ୬୬ ବର୍ଷ ହେଲା ଶାରଦୀୟ କୁମାର ଉତ୍ସବ ପାଳିତ ହୋଇ ଆସୁଛି। ଆୟୋଜିତ ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଡ.ପ୍ରଦୀପ୍ତ କୁମାର ପାଇକରାୟ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଦୀପ୍ତ କିଶୋର ମିଶ୍ର, ଶିକ୍ଷାବିତ୍ ଆର୍ତ୍ତତ୍ରାଣ ମିଶ୍ର ଓ ଶୈଳବାଳା ରଥ ପ୍ରମୁଖ ଯୋଗଦେଇ ଶିଶୁ ଶାରଦୀୟ କୁମାର ଉତ୍ସବ ଶିଶୁମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା ବିକାଶ ପାଇଁ ଏକ ମାଧମ ହେଉ ବୋଲି ମତବ୍ୟକ୍ତ କରିଥିଲେ। ଦୀର୍ଘ ୬୬ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ପାଳିତ ହୋଇ ଆସୁଥିବା ଏହି ପାରମ୍ପରିକ ଉତ୍ସବର ସଫଳତା ପାଇଁ ଆୟୋଜକଙ୍କୁ ଧନ୍ୟବାଦ ଦେବା ସହ ଉତ୍ସବ ଆୟୋଜନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୫୮ରୁ ଦାଣ୍ଡସାହି ଶିଶୁ ଶାରଦୀୟ କୁମାର ଉତ୍ସବ କମିଟି ନିରବଚ୍ଛିନ୍ନ ଭାବେ ଏହି ଉତ୍ସବ ପାଳନ କରି ଆସୁଥିବାରୁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଏଥି ନିମନ୍ତେ ପ୍ରଶଂସାର ପାତ୍ର ବୋଲି ମୁଖ୍ୟ ଅତିଥି ମତ ରଖିଥିଲେ। ସେହିପରି ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ରଥଗଡ଼ା ଛକ, ଗଡ଼ଭିତର ସାହି, ବଜାରସାହି, ମଣିକର୍ଣ୍ଣିକା ସାହି ଓ ତଳସାହି ଆଦି ବିଭିନ୍ନି ସ୍ଥାନରେ ଏ ପରିପ୍ରେକ୍ଷୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ କୋମଳମତି ଶିଶୁମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ, ଶାରଦୀୟ କୁମାର ଉତ୍ସବର ମହତ୍ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉ ବୋଲି ମତ ଦେଇଥିଲେ। ଆୟୋଜିତ ଉତ୍ସବର ବିଭିନ୍ନ ପ୍ରତିଯୋଗୀତାରେ କୃତୀତ୍ୱ ହାସଲ କରିଥିବା କୁମାରୀ କୁମାରମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ବିତରଣ କରାଯାଇଥିଲା। ପରେ କୁମାରୀ କୁମାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପର ଜଗନ୍ନାଥପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ମହୁଲପଡା ଗ୍ରାମ ନିକଟ ପାହାଡ଼ ଉପରେ ଥିବା ବାତରା ମଠ ପରିସରରେ ବିଜେ ମା'ବାତରାଶୁଣୀଙ୍କ କୁମାର ଉତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ସହ ହୋମ ଯଜ୍ଞ ଅନୁଷ୍ଠିତ ହୋଯାଇଛି। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ସଂକ୍ଷେପରେ

### ଦାୟିତ୍ୱ ଗ୍ରହଣ କଲେ ନୂତନ ତହସିଲଦାର

ଖଣ୍ଡପଡ଼ା,୧୮।୧୦(ଅଜୟ କୁମାର ମହାରଣା)

ଦୀର୍ଘ ମାସ ଧରି ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରେ ଜଣେ ସ୍ଥାୟୀ ଅଧିକାରୀ ନ ଥିବାରୁ କାର୍ଯ୍ୟାଳୟ ପରିଚାଳନାରେ ପ୍ରଶାସନିକ ଅବ୍ୟବସ୍ଥା ଦେଖା ଦେଉଥିଲା। ଗତ କିଛି ଦିନ ତଳେ ଏଠାରେ କାର୍ଯ୍ୟରତ ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆଙ୍କୁ ଭାପୁର ତହସିଲକୁ ବଦଳି କରାଯାଇଥିଲା । ରାଜ୍ୟ ସରକାର ବିଜେତଳାରେ କାର୍ଯ୍ୟରତ ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀଙ୍କୁ ଖଣ୍ଡପଡ଼ାର ନୂତନ ତହସିଲଦାର ଭାବେ ନିଯୁକ୍ତି ଦେଇଥିଲେ। ସେ ଦାୟିତ୍ୱ ଗ୍ରହଣ କରିବା ପରେ ଦେଖା ଦେଇଥିବା ଅବ୍ୟବସ୍ଥା ଦୂର ହୋଇଛି ।

### ଚୋରି ଘଟଣାର ୩ ମାସ ପରେ ବି ପୋଲିସ ହାତ ଖାଲି

ଚିକିଟି,୧୮।୧୦(ପ୍ରକାଶ ଚନ୍ଦ୍ର ସାହୁ)

କେ. ନୂଆଗାଁ ଥାନା ନୂଆପଡା ଫାଣ୍ଡି ଅନ୍ତର୍ଗତ ଦାଉଣୀ ଗ୍ରାମର ସୁଲତା ପଟ୍ଟନାୟକଙ୍କ ଘରୁ ଜୁଲାଇ ୧୯ ତାରିଖରେ ଲକ୍ଷାଧିକ ଟଙ୍କାର ସୁନା ରୂପା ଗହଣା ଚୋରି ହୋଇଥିଲା। ଏହି ଘଟଣାର ୩ ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ନୂଆପଡା ଫାଣ୍ଡି ପୋଲିସ କୌଣସି ସୁରାକ ପାଇପାରିନାହିଁ। ଅଭିଯୁକ୍ତଙ୍କୁ ଚିହ୍ନଟ କିମ୍ବା ଚୋରି ସାମଗ୍ରୀକୁ ଉଦ୍ଧାର କରିପାରିନାହିଁ। କେବଳ ସନ୍ଦେହରେ କେତେଜଣଙ୍କୁ ଫାଣ୍ଡିରେ ରଖି ପଚରାଉଚରା କରିଥିଲା। ଲୁଟର ଶିକାର ହୋଇଥିବା ସୁଲତା ଅଭିଯୁକ୍ତମାନଙ୍କୁ ଚିହ୍ନି ପାରିନଥିଲେ। ଜଣକ ଘର ଆଗରେ ଲାଗିଥିବା ସିସି କ୍ୟାମେରା ଫୁଟେଜରୁ ବାହାର କରାଯାଇଥିବା ଫଟୋ ଓ କେତେଜଣ ଅପରାଧୀଙ୍କୁ ପୋଲିସ ସୁଲତାଙ୍କୁ ଦେଖାଇଥିଲା। ତେବେ ଏଥିରୁ କିଛି ସୁଫଳ ମିଳି ନଥିଲା। ସେଭଳି କେତେକ ସ୍ଥାନରେ ଚଢ଼ାଉ ମଧ କରିଥିଲା, ହେଲେ ଅଭିଯୁକ୍ତ ମାନଙ୍କୁ ଧରିବାରେ ସଫଳ ହୋଇପାରିନାହିଁ। ପୂର୍ବରୁ ଏଭଳି ନୂଆପଡା ଫାଣ୍ଡି ଅଞ୍ଚଳରେ ଚୋରି ଲୁଟ ଘଟଣା ଘଟିଥିଲେ ମଧ ପୋଲିସକୁ ଗୋଟିଏ ବି ମାମଲାରେ ସଫଳତା ମିଳିନି। ଏ ସମ୍ପର୍କରେ ନୂଆପଡା ଫାଣ୍ଡି ଅଧିକାରୀ ଜଗବନ୍ଧୁ କୁମାର ବର୍ଲାଙ୍କୁ ପଚାରିବାରୁ ସେ କହିଛନ୍ତି, ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲୁ ରହିଥିବା କହିଛନ୍ତି। ଅପରପକ୍ଷରେ ଲୁଟର ଶିକାର ହୋଇଥିବା ସୁଲତା ପୋଲିସ ଏହାକୁ ଚପାଇ ଦେବାକୁ ଚେଷ୍ଟା କରୁଥିବା କହିଛନ୍ତି।

### ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ଭିଡ

ବେଲଗୁଣ୍ଠା,୧୮।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠାର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆନନ୍ଦ ଉଲ୍ଲାସର ସହ ପାଳିତ ହେଉଛି। ବେଲଗୁଣ୍ଠା ସହରର ହାଟପଦା, ଖଦାଳ ସାହି, ଧନିଜାପଲ୍ଲୀ ଏବଂ ଜଗନ୍ନାଥପ୍ରସାଦ ରୋଡ୍ ଛକରେ ମା' ଗଜଲକ୍ଷ୍ମୀଙ୍କ ପୂଜା ହେଉଛି। ହାଟପଦା ପୂଜା ମଣ୍ଡପରେ ପୂଜକ ଭାବେ ପଣ୍ଡିତ ଦିବାକର ଆଚାର୍ଯ୍ୟ ଦାୟିତ୍ୱ ତୁଲାଉଛନ୍ତି। କମିଟି ସଦସ୍ୟ ପ୍ରଦୀପ ସାହୁ, ସୁଶାନ୍ତ ବେହେରା, ଦିଲ୍ଲୀପ ସାହୁ ଏବଂ ଅନ୍ୟମାନେ ପୂଜାରେ ସହଯୋଗ କରିଥିଲେ। ସେହିପରି ଗାଙ୍ଗପୁର ନିକଟସ୍ଥ ବୋରୀରେ ମଧ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ପୂଜା ପାଇଁ ଗୋଟିଏ ଦିନ ପୂର୍ବରୁ କଳସ ଯାତ୍ରା ହୋଇଥିଲା। ସନ୍ଧ୍ୟାରେ ପୂଜା ମଣ୍ଡପଗୁଡିକରେ ୧୦୮ ଦୀପଦାନ, ଭଜନ ସଙ୍କୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ପୂଜା ଦେଖିବାକୁ ପୂଜା ମଣ୍ଡପଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଛି।

# ଭଞ୍ଜନଗରରେ ୫୦ ଡାକ୍ତର ନିଯୁକ୍ତ ହେବେ

## ୨ ମେଡିକାଲର ଉନ୍ନତି ପାଇଁ ୨୫ କୋଟି ଖର୍ଚ୍ଚ ହେବ

ଭଞ୍ଜନଗର,୧୮।୧୦(ବାବୁଲା ପ୍ରଧାନ)



ବୈଠକରେ ଉପସ୍ଥିତ ବିଧାୟକ ଓ ଅଧିକାରୀ।

ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲ ପକ୍ଷରୁ ଶୁକ୍ରବାର ଜାତୀୟ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ଥିବା ୧୧ଟି ମେଡ଼ିକାଲରେ ୫୦ ନୂତନ ଡାକ୍ତର ନିଯୁକ୍ତ ହେବେ। ସେଥିମଧ୍ୟରୁ ୭ ଜଣ ବିଶେଷଜ୍ଞ ଡାକ୍ତର ଭଞ୍ଜନଗର ମେଡ଼ିକାଲରେ ସପ୍ତାହେ ମଧ୍ୟରେ ନିଯୁକ୍ତି ପାଇବେ। ନିର୍ବାଚନ ମଣ୍ଡଳୀର ବିଭିନ୍ନ ମେଡ଼ିକାଲରେ ଖାଲିଥିବା ଡାକ୍ତର ପଦବୀ ମଧ୍ୟରୁ ୧୦୦ ନୂତନ ଡାକ୍ତର ନିଯୁକ୍ତି ଦେବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଥିଲେ ବୋଲି ବିଧାୟକ କହିଛନ୍ତି। ସରକାର ୫୦ ଡାକ୍ତର ନିଯୁକ୍ତି ଦେବାପାଇଁ ପଦକ୍ଷେପ ନେଇଛନ୍ତି। ଆଗକୁ ଆହୁରି ଅଧିକ ନୂତନ ଡାକ୍ତର ନିଯୁକ୍ତି ହେବେ। ସରକାରଙ୍କ ପଦକ୍ଷେପକୁ ବିଧାୟକ ପ୍ରଶଂସା କରିଥିଲେ। ସେହିପରି ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ସ୍ୱତନ୍ତ୍ର ଶିଶୁ ଓ ପ୍ରସୂତି ୱାର୍ଡ ନିର୍ମାଣ ପାଇଁ ୧୨ କୋଟି ଖର୍ଚ୍ଚ ହେବ। ଉକ୍ତ ଅର୍ଥ ଇତିମଧ୍ୟରେ ଅନୁମୋଦନ ପାଇ ଟେଣ୍ଡର ହୋଇଛି। କାମ ଖୁବଶୀଘ୍ର ଆରମ୍ଭ ହେବ। ଏଥିସହ ଗାଲେରି ମେଡ଼ିକାଲର ଉନ୍ନତୀକରଣ ପାଇଁ ୧୩ କୋଟି ଟଙ୍କା ବ୍ୟୟ ହେବ। ତାହାର ମଧ କାମ ଆରମ୍ଭ ହେବାକୁ ଯାଉଛି। ଭଞ୍ଜନଗର ଉପଖଣ୍ଡ ମେଡିକାଲ ଖୁବଶୀଘ୍ର ଜିଲା ହସ୍ପିଟାଲର ମାନ୍ୟତା ପାଇବାକୁ ଯାଉଛି ବୋଲି ବିଧାୟକ ନାୟକ କହିଥିଲେ। ବୈଠକରେ ମେଡିକାଲ ଅଧୀକ୍ଷକ ସୀତାଂଶୁ ଶେଖର ଶତପଥୀ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲାପାଳ ଅନିଲ କୁମାର ସେଠୀ, ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ଆଇଆର୍‌ବି ବାଟାଲିୟନ ଡେପୁଟି କମାଣ୍ଡାଣ୍ଟ ଲଳିତ ବାଘ ପ୍ରମୁଖ ଉପସ୍ଥିତ ଥିଲେ। ମେଡ଼ିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ ସଭା ସଂଯୋଜନା କରିଥିଲେ।

# ମାଣ୍ଡିଆ କମ ଆସିଥିବାରୁ ସମସ୍ୟା

ଖଣ୍ଡପଡା,୧୮।୧୦(ଅଜୟ କୁମାର ମହାରଣା)

**ପଞ୍ଚାୟତ ବୈଠକରେ ଖାଉଟି ସାମଗ୍ରୀ ବାଣ୍ଟିବାକୁ ସ୍ଥଗିତ ରଖାଗଲା**

ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଯେପରି ଭାବେ ରାଶନ କାର୍ଡଧାରୀଙ୍କୁ ଚାଉଳ ଓ ଗହମକୁ ଯେଉଁ ପଦ୍ଧତିରେ ପ୍ରଦାନ କରାଯାଉଛି ସେହିପରି ୨ମାସରେ ୨ କେଜି ମାଣ୍ଡିଆ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ମାତ୍ର କଣ୍ଟିଲୋ ପଞ୍ଚାୟତକୁ ଆବଶ୍ୟକ ପରିମାଣର ମାଣ୍ଡିଆ ଯୋଗାଣ ହୋଇ ନ ଥିବାରୁ ଏ ନେଇ ସମସ୍ୟା ଉପୁଜିଛି। ଫଳରେ ଉକ୍ତ ସମସ୍ୟାର ସମାଧାନ ପାଇଁ ଶୁକ୍ରବାର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ ସରପଞ୍ଚ ଶ୍ରୀୟାରାଣୀ ବେହେରା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ସସ୍ମିତା ବେହେରାଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟା, ସଭ୍ୟ, ଗ୍ରାମର ପ୍ରମୁଖ ବ୍ୟକ୍ତି ଉପସ୍ଥିତ ରହି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପଞ୍ଚାୟତ ଅଧିକାରୀଙ୍କ ସୂଚନା କ୍ରମେ ସରକାର ଖାଉଟିମାନଙ୍କୁ ମାଣ୍ଡିଆ ଯୋଗାଇବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ଯୋଜନାକ୍ରମେ ସମସ୍ତ ରାଶନକାର୍ଡ ଧାରୀମାନଙ୍କୁ କାର୍ଡ ପିଛା ୨ କିଲୋ ମାଣ୍ଡିଅ ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି। ମାତ୍ର କଣ୍ଟିଲୋ ପଞ୍ଚାୟତ୍ରୁ ୬୦ ପ୍ରତିଶତ ମାଣ୍ଡିଆ ଆସିଥିବାରୁ ଏ ନେଇ ସମସ୍ୟା ଉପୁଜିଛି। କଣ୍ଟିଲୋ ପଞ୍ଚାୟତର ସମୁଦାୟ ୧୫୦୦ ରାଶନକାର୍ଡଧାରୀ ରହିଥିବା ବେଳେ ଏବେ ପଞ୍ଚାୟତକୁ ୬୦ ପ୍ରତିଶତ ମାଣ୍ଡିଆ ଆସିଛି। ଫଳରେ ଏ ଅନୁପାତରେ ୧୫ଶହ ହିତାଧିକାରୀଙ୍କ ମଧ୍ୟରୁ ୯ଶହ ରାଶନକାର୍ଡଧାରୀ ଯଦି ଏହି ସାମଗ୍ରୀ ପାଆନ୍ତି ତେବେ ଅବଶିଷ୍ଟ ୬ଶହ ହିତାଧିକାରୀ ଏହି ବଣ୍ଟନ ପ୍ରକ୍ରିୟାରୁ ବଞ୍ଚିତ ହେବେ। ଅପରପକ୍ଷରେ ଯଦି ଏହି ୬୦ ପ୍ରତିଶତ ମାଣ୍ଡିଆକୁ ସମସ୍ତ ହିତାଧିକାରୀଙ୍କୁ ସମପରିମାଣରେ ବଣ୍ଟାଯାଏ ତେବେ କାର୍ଡ ପିଛା ୧୨ଶହ ଗ୍ରାମ ମାଣ୍ଡିଆ ପଡିବ। ମାତ୍ର ହିତାଧିକାରୀମାନେ ୧୨ ଶହ ଗ୍ରାମର ସାମଗ୍ରୀ ପାଉଥିବା ବେଳେ କମ୍ପ୍ୟୁଟରରୁ ସରକାରଙ୍କ ବିଧି ବ୍ୟବସ୍ଥା କ୍ରମେ ୨ କିଲୋଗ୍ରାମର ରସିଦ ବାହାରିବ। ଫଳରେ ଏହାକୁ ନେଇ ପରବର୍ତ୍ତୀ ସମୟରେ ସମସ୍ୟା ଉପୁଜିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଏପରି ପ୍ରକ୍ରିୟାକୁ ଉପସ୍ଥିତ ସମସ୍ତ ୱାର୍ଡ ସଭ୍ୟା ସଭ୍ୟ ଗ୍ରହଣ କରି ନ ଥିବା ବେଳେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏପରି ପ୍ରକ୍ରୀୟାରେ ଖାଉଟି ସାମଗ୍ରୀ ବଣ୍ଟନ କରାଗଲେ ସାଧାରଣରେ ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କାକୁ ଏଡାଇ ହେବ ନାହିଁ ମନେକରି ଏହି ବଂଟନ ପ୍ରକ୍ରୀୟାକୁ ସ୍ଥଗିତ ରଖାଯିବାକୁ ସର୍ବ ସମ୍ମତି ମତ ପ୍ରକାଶ ପାଇଥିଲା। ୱାର୍ଡ ସଭ୍ୟା, ସଭ୍ୟମାନେ ନିଜ ନିଜ ୱାର୍ଡରେ ୱାର୍ଡବାସୀଙ୍କ ସହ ଆଲୋଚନା କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ଫଳରେ ବର୍ତ୍ତମାନ ସ୍ଥିତିରେ ରାଶନ ସାମଗ୍ରୀ ବଣ୍ଟନ ବ୍ୟବସ୍ଥକ୍ଲେ ସ୍ଥଗିତ ରଖାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିବା ସରପଞ୍ଚ ବେହେରା ସୂଚନା ଦେଇଛନ୍ତି।

# ପୋଲିସକୁ ଦୁର୍ବ୍ୟବହାର କରି ୪ ଗିରଫ

ଗୋପାଳପୁର,୧୮।୧୦ (ନବୀନ ରାଜ ଆଚାରୀ)

ଜୁଆଆଡ୍ଡା ଉପରେ ଚଢ଼ାଉ ସମୟରେ ଗୋଲନ୍ଥରା ପୋଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ଧମକଚମକ ଦେବା ଅଭିଯୁକ୍ତମାନଙ୍କ ପାଇଁ ମହଙ୍ଗା ପଡ଼ିଛି। ଶୁକ୍ରବାର ପୋଲିସ ୪ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚିକରଡ଼ା ଗ୍ରାମର ଏସ. ସୁନିଲ ରେଡ୍ଡି(୨୭), ପି. ସାଗର ରେଡ୍ଡି (୨୩), ପି. ଈଶ୍ୱର ରେଡ୍ଡି (୨୩) ଓ ବି. ସୁରେଶ ପାତ୍ର (୨୧)। ଖବରରୁ ଜଣାପଡିଛି, ଏହି ଥାନା ଅଧୀନ ଚିକରଡା ଗ୍ରାମରେ କୁମାରପୂର୍ଣ୍ଣିମା ଅବସରରେ ଜୁଆଖେଳ ଚାଲିଥିଲା। ଖବର ପାଇ ଗୁରୁବାର ଭୋର ସମୟରେ ଏଏସ୍‌ଆଇ କହ୍ନେଇ ମିର୍ଦ୍ଧା ଓ କର୍ମଚାରୀ ଜୁଆଆଡ୍ଡା ଉପରେ ଚଢ଼ାଉ କରିଥିଲେ। ସେଠାରେ ଥିବା ଉପରୋକ୍ତ ୪ ଯୁବକ ପୋଲିସକୁ ଗାଳିଗୁଲଜ କରିବା ସହ ଧମକଚମକ ଦେଇ ଏଠିକୁ କାହିଁକି ଆସିଛ ବୋଲି ପଚାରିଥିଲେ। ଏନେଇ ଏଏସ୍‌ଆଇ ମିର୍ଦ୍ଧା ଥାନାରେ ଲିଖିତ ଅଭିଯୋଗ କରିବା ପରେ ନଂ. ୪୩୦/୨୪ରେ ପୋଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ଗ୍ରାମରେ ଚଢ଼ାଉ କରି ପୋଲିସ ସୁନୀଲ, ସାଗର, ଈଶ୍ୱର ଓ ସୁରେଶଙ୍କୁ ଉଠେଇ ନେଇ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ସନ୍ଧ୍ୟାରେ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ପୋଲିସ ପ୍ରକାଶ କରିଛି।

# ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି

ଆର,ଉଦୟଗିରି,୧୮।୧୦(ମନୋଜ କୁମାର ପାଢୀ):

ଆର୍. ଉଦୟଗିରି ବ୍ଲକ ମହେନ୍ଦ୍ରଗଡ଼ ଗ୍ରାମରେ ଶୁକ୍ରବାର ମା' ଗଜଲକ୍ଷ୍ମୀଙ୍କ ପୂଜା ଶେଷ ହୋଇଛି। ପ୍ରାତଃ ସମୟରେ ସାଲାପୂଜା, ଶଡାଙ୍ଗି ପୂଜା, ସୂର୍ଯ୍ୟପୂଜା, ଷୋଡଶଉପଚାର ପୂଜା, ଗ୍ରହପୂଜା ସହ ଅନ୍ୟାନ୍ୟ ଦେବଦେବୀଙ୍କର ପୂଜା ପରେ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା। ପରେ ରାଜ ଆଳତି, ଖେଚୁଡ଼ି ଭୋଗ ଏବଂ ରାତି ୮ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିବା ପୁରୋହିତ ବିଜୟ କୁମାର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ରବିବାର ମୂର୍ତ୍ତି ବିସର୍ଜନ ହେବ ବୋଲି ମୁନା ପଣ୍ଡା କହିଛନ୍ତି ।

# ରାସ୍ତା କାମ ନିମ୍ନମାନର, ବିଧାୟକଙ୍କ କ୍ଷୋଭ


ନିମ୍ନମାନର ରାସ୍ତା ଦେଖୁଛନ୍ତି ବିଧାୟକ ।

ବେଲଗୁଣ୍ଠା,୧୮।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ନିମ୍ନମାନର ରାସ୍ତା କାମ କରି ଠିକାଦାର ମାଲାମାଲ୍ ହୋଇଥିବା ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଅଭିଯୋଗ ଆଣିଛନ୍ତି। ୨୦୨୧ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପୂର୍ତ୍ତ ବିଭାଗ ରାସ୍ତାଠାରୁ ବଡ଼ପଡ଼ା ଭାୟା ଷଡ଼ଙ୍ଗୀପଲ୍ଲୀ, ବାଲିଭାଗ, ଗୋବିନ୍ଦପୁର ଦେଇ ଏକ ରାସ୍ତା ନିର୍ମାଣ ହୋଇଥିଲା। ୬ କିମିର ଏହି ରାସ୍ତା କାର୍ଯ୍ୟ ୨୦୨୨ରେ ଶେଷ କରାଯିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ଠିକାଦାର ୨୦୨୨ ସୁଦ୍ଧା ରାସ୍ତାକୁ ମେଟାଲିଂ କରି ଛାଡି ଦେଇଥିଲେ। ଦୁଇ ବର୍ଷ ପର୍ଯ୍ୟନ୍ତ ପିଚୁ ପକାଯାଇ ନଥିଲା। ୨୦୨୪ରେ ପିଚୁ ପକାଯାଇଥିଲେ ମଧ ମାତ୍ର କିଛିଦିନ ମଧରେ ତାହା ଉଠିଯାଇ ରାସ୍ତା ଶୋଚନୀୟ ଅବସ୍ଥାକୁ ଆସିଯାଇଛି। ସୋରଡ଼ା ବିଧାୟକ ବିଷୋୟୀ ଏ ନେଇ କ୍ଷୋଭ ପ୍ରକାଶ କରିବା ସହ ରାସ୍ତା କାମର ମାନ ଯାଞ୍ଚ କରି ଅସନ୍ତୋଷ ପ୍ରକାଶ କରିଛନ୍ତି। ଠିକାଦାର ତରବରିଆ ଭାବେ ପିଚୁ ପକାଇଛନ୍ତି। ଯଦି ସରକାର ବଦଳି ନଥାନ୍ତା ତେବେ ରାସ୍ତାରେ ପିଚୁ ନ ପକାଇ ସମସ୍ତ ସରକାରୀ ଅର୍ଥକୁ ଆତ୍ମସାତ୍ କରିବା ଯୋଜନା ଥିଲା ବୋଲି ଅଭିଯୋଗ କରିଛନ୍ତି। ରାସ୍ତାକାମ ସମ୍ପର୍କରେ ସମ୍ପୃକ୍ତ ଯନ୍ତ୍ରୀ କିମ୍ବା ଅଧିକାରୀଙ୍କ କଥାରେ ତାଳମେଳ ରହୁନାହିଁ। ତେଣୁ ଏ ଦିଗରେ ସ୍ଥାନୀୟ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରି ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ଗଞ୍ଜାମ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଗାମୀ ଦିନରେ ସୋରଡ଼ା ନିର୍ବାଚନ ମଣ୍ଡଳୀରେ କୌଣସି ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବିଧାୟକ ପ୍ରକାଶ କରିଛନ୍ତି।

# ଦିବ୍ୟ ଜୀବନ ସଂଘର ନାରାୟଣ ସେବା କାର୍ଯ୍ୟକ୍ରମ

ଧରାକୋଟ,୧୮।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ନିକଟସ୍ଥ ମୁଣ୍ଡମରାଇରେ ମୁଣ୍ଡମରାଇ ଦିବ୍ୟ ଜୀବନ ସଂଘ ପକ୍ଷରୁ କୁମାର ପୂର୍ଣ୍ଣିମା ଉତ୍ସବ ଅବସରରେ ନାରାୟଣ ସେବା କାର୍ଯ୍ୟକ୍ରମ ବଜାର ଛକଠାରେ ଅନୁଷ୍ଠିତ ହୋଇଛି । ଦକ୍ଷିଣ ଓଡିଶା ଦିବ୍ୟ ଜୀବନ ସଂଘ ସମନ୍ୱୟ ସମିତିର ପୂର୍ବତନ ସମ୍ପାଦକ ଜୟଚନ୍ଦ୍ର ନାୟକ ଏଥିରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ମାନବ ସେବା ହିଁ ମାଧବ ସେବା। ଏହାଦ୍ୱାରା ଈଶ୍ୱର ଆମକୁ ଆଲୋକିକ ଭାବରେ କିପରି କୃପା କରନ୍ତି ତାହା ବୁଝାଇଥିଲେ। ଧରାକୋଟ ବ୍ଲକ ତଥା ଆଖପାଖ ଅଞ୍ଚଳରୁ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଅସହାୟ ବ୍ୟକ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବି. ଶ୍ୟାମସୁନ୍ଦର ପାତ୍ରଙ୍କ ତତ୍ତ୍ୱାବଧାନରେ ଉପସ୍ଥିତ ଅସହାୟ ବ୍ୟକ୍ତିମାନଙ୍କୁ ଶୀତବସ୍ତ୍ର, କମ୍ବଳ ଓ ଖାଦ୍ୟ ବଣ୍ଟନ କରାଯାଇଥିଲା । ଅନୁଷ୍ଠାନର ସମସ୍ତ ଗୁରୁ ଭାଇ ପି. ତ୍ରିନାଥ ପାତ୍ର, ଗଣେଶ ଚନ୍ଦ୍ର ପାତ୍ର, ତ୍ରିମଳି ପାତ୍ର, ରବୀନ୍ଦ୍ର ବେହେରା, ପିଣ୍ଟୁ ପୋଲାଇ, ସଂଯୋଜକ ୟୁ. ନାଗେଶ୍ୱର ରାଓ ପାତ୍ର ପରିଚାଳନା କରିଥିଲେ।

# ଅବହେଳିତ ଅବସ୍ଥାରେ ପଡ଼ିରହିଛି ଚିକିତ୍ସାଳୟ ବେଡ୍

## ବେଡ୍ ଅଭାବରୁ ରୋଗୀ ହନ୍ତସନ୍ତ

## ଘରୋଇ ଚିକିତ୍ସାଳୟକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି ରୋଗୀ


ବ୍ୟବହାର ନ ହୋଇ ପଡ଼ି ରହିଥିବା ବେଡ୍ ।

ପାରଳାଖେମୁଣ୍ଡି,୧୮।୧୦(ଗିରିଧାରୀ ପରିଛା)

ଗଜପତି ଜିଲା ସଦରମହକୁମା ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ବ୍ୟବହାର ଯୋଗ୍ୟ ଶତାଧିକ ଖଟିଆ ଏକ କୋଠରିରେ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଆଦିବାସୀ ଅଧୁଷିତ ଗଜପତି ଜିଲାର ଲୋକମାନେ ଏହି ଚିକିତ୍ସାଳୟ ଉପରେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରନ୍ତି। ଜିଲାର ୭ଟି ବ୍ଲକର ରୋଗୀଙ୍କ ସହ ରାୟଗଡ଼ା ଜିଲା ଗୁଣପୁର ଓ ଶ୍ରୀକାକୁଲମ ଜିଲା ପୁରୁଣାପାଟଣାର ବହୁ ସଂଖ୍ୟକ ରୋଗୀ ଏହି ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି। ମାତ୍ର ଅନେକ ସମୟରେ ବେଡ୍ ଅଭାବରୁ ରୋଗୀମାନେ ତଳେ ଏବଂ ୱାର୍ଡ ବାହାରେ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳୁଛି। ଅନେକ ସମୟରେ ବେଡ୍ ଅଭାବରୁ ରୋଗୀ ବାଧ ହୋଇ ଅନ୍ୟତ୍ର ଘରୋଇ ଚିକିତ୍ସାଳୟକୁ ଚାଲିଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଶତାଧିକ ବେଡ୍ ଅକାମୀ ହୋଇ ପଡ଼ି ରହିଥିବା ବେଳେ ବେଡ୍ ନ ପାଇ ରୋଗୀମାନେ ହନ୍ତସନ୍ତ ହେବା କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏହି ବେଡ୍‌ଗୁଡ଼ିକୁ ରୋଗୀଙ୍କ ବ୍ୟବହାରରେ ଲଗାଇବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ସିଡିଏମ୍‌ଓ ଡା.ମୁବାରକ ଅଲ୍ଲିଙ୍କୁ ପଚାରିବାରୁ ସେ କହିଲେ, ମୁଁ ନୂଆକରି ଦାୟିତ୍ୱରେ ଅଛି। ଏ ବିଷୟରେ ଜାଣିନି। ତେବେ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବି ବୋଲି କହିଥିଲେ।

# ବନ୍ଦ ହୋଇପଡ଼ିଛି ସୂତାକଟା,ବଳାକେନ୍ଦ୍ର

ଆର.ଉଦୟଗିରି,୧୮।୧୦(ମନୋଜ କୁମାର ପାଢ଼ୀ)-



- ୫ଶହରୁ ଉର୍ଦ୍ଧ୍ୱ ମହିଳା ପାଇଥିଲେ କାମ
- ୨୦ ଖଣ୍ଡ ଗାଁର ଚାଷୀ କରୁଥିଲେ ରେଶମ ଚାଷ

ଗଜପତି ଜିଲା ଆର. ଉଦୟଗିରି ବ୍ଲକର ମହେନ୍ଦ୍ରଗଡ଼ଠାରେ ନିର୍ମାଣ ହୋଇଥିବା ସୂତାକଟା କେନ୍ଦ୍ର ଏବେ ଭୂତକୋଠି ପାଲଟିଲାଣି। ଓଡ଼ିଶାର ସର୍ବବୃହତ୍ ଓ ପ୍ରଥମ ସୂତାକଟା ଓ ବଳାକେନ୍ଦ୍ର ରୂପେ ପରିଚିତ ଗଜପତି ଜିଲାର ଆଦିବାସୀ ମହିଳା ଓ ଚାଷୀଙ୍କୁ ସ୍ୱାବଲମ୍ବୀ କରିବାର ଉଦ୍ଦେଶ୍ୟରେ ୧୯୯୩ରେ ପ୍ରତିଷ୍ଠା ହୋଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମହେନ୍ଦ୍ରଗଡ ପଞ୍ଚାୟତରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ର ଦ୍ୱାରା ଅଞ୍ଚଳର ୫୦୦ରୁ ଉର୍ଦ୍ଧ୍ୱ ମହିଳା ଏକାଠି କାମକରି ପରିବାର ପ୍ରତିପୋଷଣ କରିପାରୁଥିଲେ। ଅଞ୍ଚଳର ପ୍ରାୟ ୨୦ ଖଣ୍ଡ ଗାଁର ୪୦୦ରୁ ଉର୍ଦ୍ଧ୍ୱ ଚାଷୀ ରେଶମ ଚାଷ କରି ବଳା କେନ୍ଦ୍ର ସହ ଜଡ଼ିତ ଥିଲେ। ରେଶମ ଚାଷ କରି ଚାଷୀ ଲାଭବାନ ହୋଇପାରୁଥିଲେ। ବଳାକେନ୍ଦ୍ରଟି ଉଦ୍‌ଘାଟନ ହେବାର ୧୭ ବର୍ଷ ଭଲରେ ଚାଲିଥିଲା। ମାତ୍ର ୨୦୧୧ ପରଠାରୁ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି। ସୂତାକଟା ଓ ବଳାକେନ୍ଦ୍ରରେ କୋଟି କୋଟି ଟଙ୍କାର ଯନ୍ତ୍ରପାତି ଓ ସରଞ୍ଜାମ ଏବେ ନଷ୍ଟ ହେଉଛି। ଏହି ରେଶମ ସୂତାକଟା ଓ ବଳା କେନ୍ଦ୍ରର ଯନ୍ତ୍ରପାତି ଓ ସରଞ୍ଜାମକୁ ମରାମତି କରି ପୁନଃ କାର୍ଯ୍ୟକ୍ଷମ କରାଗଲେ ଅଞ୍ଚଳର ବହୁ ମହିଳା ପୁରୁଷ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଆନ୍ତେ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଚୋରା ଦେଶୀ ମଦ, ନକଲି ବିଦେଶୀ ମଦ ବିକ୍ରି ଅଭିଯୋଗ

ଦାରିଙ୍ଗବାଡି, ୧୮।୧୦ (ଅରୁଣ ସାହୁ )

- ସାମାଜିକ ଗଣମାଧମରେ ଘୂରିବୁଲୁଛି ଭାଇରାଲ ଭିଡିଓ
- ଅବକାରୀ ବିଭାଗର ନିଦ ଭାଙ୍ଗୁନି

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ଅଞ୍ଚଳରେ ଚୋରା ଦେଶୀ ମଦ ଓ ନକଲି ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଉକ୍ତ ଅଞ୍ଚଳର ଜଣେ ଯୁବକ ଚୋରାମଦ କାରବାର ରୋକିବାକୁ ଉଭୟ ପୋଲିସ ଓ ଅବକାରୀ ବିଭାଗକୁ ନିବେଦନ କରିଥିବାର ଏକ ଭିଡିଓ ସାମାଜିକ ଗଣମାଧମରେ ଘୂରିବୁଲୁଛି। ସେ ଉକ୍ତ ଭିଡିଓରେ ସିମନବାଡି ଅଞ୍ଚଳରେ ଚୋରାମଦ କାରବାର ଦିନକୁ ଦିନ ବୃଦ୍ଧି ପାଉଛି। ଏହାକୁ ଶୀଘ୍ର ବନ୍ଦ କରିବାକୁ ନିବେଦନ କରିଛନ୍ତି। ଆବଶ୍ୟକ ପଡିଲେ ସେ କେଉଁମାନେ ଏହି ଚୋରା ମଦ କାରବାର କରୁଛନ୍ତି ସେମାନଙ୍କ ନାମ ପ୍ରକାଶ କରି ବିଭାଗକୁ ସହଯୋଗ କରିବେ ବୋଲି ମାତ୍ର ୩୧ ସେକେଣ୍ଡର ଏହି ଭିଡିଓରେ କହିଛନ୍ତି। ବ୍ଲକର ସିମନବାଡି ପଞ୍ଚାୟତର ତେଲି ଛକ ସମେତ ଜୁଡ଼ାବାଡି, ରାଇକିଆ ରୋଡ, ଶିବମନ୍ଦିର ରୋଡ଼, ଦଡିବାଡ, କିରିକୁଟି, ଶ୍ରୀନିକେତା, ବୁଢ଼ାଗୁଡା ପଞ୍ଚାୟତ ଅଞ୍ଚଳରେ ଏହି ଚୋରା ମଦ କାରବାର ହେଉଛି। ସିମନବାଡି ଅଞ୍ଚଳରେ ରାତି ୨ଟାରୁ ଭୋର ୫ଟା ମଧ୍ୟରେ ମଦ ପାଇଁ ଅନେକଙ୍କୁ ଦେଖିବାକୁ ମିଳୁଛି। ସିମନବାଡି ଓ ବୁଢ଼ାଗୁଡା ଏହି ମଦ କାରବାରର ପେଣ୍ଠସ୍ଥଳ ପାଲଟିଛି। ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ଦୌରାତ୍ମ୍ୟରେ ଅଞ୍ଚଳବାସୀ ଅତିଷ୍ଠ ହୋଇପଡିଲେଣି। ଏନେଇ ଦାରିଙ୍ଗବାଡି ଅବକାରୀ ଓଆଇସି ପ୍ରକାଶ ଚନ୍ଦ୍ର ମଲିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସେ ଏବେ ନୂଆ କରି ଦାରିଙ୍ଗବାଡି ଆସିଛନ୍ତି। ଇତି ମଧ୍ୟରେ କେତୋଟି ମଦ ମାମଲା ରୁଜୁ କରାଯାଇଛି। ଅଭିଯୋଗ ପାଇଲେ ନିଶ୍ଚିତ ଚୋରାମଦ କାରବାର କରୁଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ତେବେ ଅବକାରୀ ବିଭାଗ ଚୋରାମଦ କାରବାର ସମ୍ପର୍କରେ ନିଜେ ତଥ୍ୟ ସଂଗ୍ରହ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଅଭିଯୋଗକୁ ଅପେକ୍ଷା କରିବା ବିଭାଗର କାର୍ଯ୍ୟଧାରା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଞ୍ଚଳରେ ଚୋରା ମଦ କାରବାର ବନ୍ଦ ନ ହେଲେ ଆଗାମୀ ଦିନରେ ଲାଦାମାଲା, ସଲାବାଡି, ଜୁଡ଼ାବାଡି ସାହିର ମହିଳାମାନେ ମଦ ବିରୋଧୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଗଜଲକ୍ଷ୍ମୀଙ୍କୁ ଆରାଧନା


କେନ୍ଦ୍ରାପଡ଼ା ତିନିମୁହାଣୀ।


ନସଡ଼ିପୁର ।


ରାଜନଗର କୁନ୍ଦୁପୁର।


ରାଜନଗର ଗୋସିଗାଁ।


କେନ୍ଦ୍ରାପଡ଼ା ବିମଳାଇ।


ବାସୁଳାଇ।


ଭରତପୁର।


ଡେରାବିଶ ସରଦେଇପୁର।


କେନ୍ଦ୍ରାପଡ଼ା କଜଳା।


ଗଣାମହଲ।


ଚଉଦକୁଲାଟ।


ଚାଟରାପାଟଣା।


ଗୋଗୁଆ ବଣିକ ସଂଘ।


ପଲାଇ ରଘୁନାଥପୁର ଚୌଧୁରି ଛକ।


ମା' ଅଭୟା।


କଲେଜ ଛକ।


ରାଜନଗର ଗୁଲୁଦିଆ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସରୋଜ


@ ଗୟା


@ ଅଭିଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ଧର୍ମଶାଳା ବ୍ଲକ୍‌ର ନହଙ୍ଗାପାଟଣା ଗ୍ରାମରେ ପୂଜା ପାଉଥିବା ମା' ଲକ୍ଷ୍ମୀ।


ଯାଜପୁର ବ୍ଲକ୍ ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା।


ଧର୍ମଶାଳା ବ୍ଲକ୍‌ର ନରସିଂହପୁର ଗ୍ରାମ।


କାଳିଆପାଣି ଖଣି ଅଞ୍ଚଳରେ ମା' ଗଜଲକ୍ଷ୍ମୀ।

## ବଡ଼ମଙ୍ଗରେ ପ୍ରଥମେ ଆରମ୍ଭ ହୋଇଥିଲା ଗଜଲକ୍ଷ୍ମୀ ପୂଜା

କେନ୍ଦ୍ରାପଡ଼ା, ୧୮।୧୦ (ଜଗନ୍ନାଥ ଧଳ)

### କେନ୍ଦ୍ରାପଡ଼ା ଗଣପର୍ବ ପାଇଁ ଉତ୍ସବମୁଖର


ଆଳିର ବଡ଼ମଙ୍ଗରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା।

କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଶୁକ୍ରବାର ତୃତୀୟ ଦିବସରେ ପହଞ୍ଚିଛି। କେନ୍ଦ୍ରାପଡ଼ା ସହରାଞ୍ଚଳରେ ପୂଜାର ଆଡ଼ମ୍ବରପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିବାବେଳେ ଗ୍ରାମାଞ୍ଚଳରେ ଏହାର ପ୍ରଭାବ କିଛି କମ୍ ନୁହେଁ। ଜିଲାର ପ୍ରଥମ ପୂଜା ଆରମ୍ଭ ହୋଇଥିବା ସ୍ଥାନ ଆଳି ବ୍ଲକ ଅନ୍ତର୍ଗତ ବଡ଼ମଙ୍ଗଠାରେ ଉତ୍ସାହ ବେଶି ଦେଖିବାକୁ ମିଳିଛି। କେତେକ ସ୍ଥାନରେ ଆଖି ଝଲସା ଡେକୋରେଶନ ଯାତ୍ରୀଙ୍କ ମନ ମୋହୁଛି। ଆଳିର ବଡ଼ମଙ୍ଗ ସହିତ ଆଖପାଖ ଅଞ୍ଚଳରେ ୯ଟି ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଶ୍ରଦ୍ଧାଳୁମାନେ କରୁଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି।

ଏ ସମ୍ପର୍କରେ ଗ୍ରାମର ରମେଶ ବେହେରା (୮୫) କହିଛନ୍ତି, ହେତୁ ପାଇବା ସମୟରୁ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଦେଖିଆସୁଛି। ପିଢ଼ି ପରେ ପିଢ଼ି ଏହି ପୂଜା ଗ୍ରାମବାସୀ ଏକ ଆଧ୍ୟାତ୍ମିକ ପରିବେଶ ଅନୁଯାୟୀ କରି ଆସୁଛନ୍ତି। ସ୍ଥାନୀୟ ଅଞ୍ଚଳରୁ ବିଦେଶକୁ ଯାଉଥିବା ସାଧବମାନେ (ବଣିକ) ଆରମ୍ଭ କରିଥିବା ଜନଶ୍ରୁତି ଅଛି। ଗ୍ରାମର ମିନତି ବେହେରା କହିଛନ୍ତି, ମା'ଙ୍କ ପୂଜା ବିଧାନ ଏଠାରେ ସ୍ୱତନ୍ତ୍ର। କୁମାରପୂର୍ଣ୍ଣିମା ଚାନ୍ଦ ଉଇଁଲେ ମା'ଙ୍କ ଆବାହନୀ ହୁଏ। ପ୍ରଥମ ନୈବେଦ୍ୟ ମଣ୍ଡାପିଠା ଅର୍ପଣ ଦୀର୍ଘଦିନ ଧରି ପରମ୍ପରା ଭାବେ ଚଳି ଆସିଛି। ପୂଜାର ୭ ଦିନ ପୂର୍ବରୁ ଗ୍ରାମରୁ ପରିବେଶକୁ ସଫାସୁତରା ରଖିବା ଗ୍ରାମବାସୀଙ୍କ କର୍ତ୍ତବ୍ୟ ପାଲଟିଯାଏ। ଏହି ସମୟରେ ଗ୍ରାମର କୌଣସି ଘରକୁ ଆମିଷ ପ୍ରବେଶ ନିଷେଧ ହୋଇଥାଏ। ପ୍ରତ୍ୟେକ ଘର ଦାଣ୍ଡଦୁଆର ମୁହଁରେ ଗୋବରପାଣି ପଡ଼ି ପବିତ୍ର କରାଯାଏ। ଗ୍ରାମର ମହିଳାମାନେ ମା' ଧନଦାତ୍ରୀଙ୍କୁ ଦେବୀ ନ ଭାବି ନିଜ ଘରକୁ ଝିଅ ଆସିଛି ବୋଲି ଭାବିଥାନ୍ତି। ଏଥିପାଇଁ ୭ ଦିନ ଧରି ମଣ୍ଡା, କାକରାଠାରୁ ଆରମ୍ଭ କରି ଫଳମୂଳ ଓ ଅନ୍ନ ଆଦି ନୈବେଦ୍ୟ କରାଯାଏ। ଗ୍ରାମର ବିକାଶ କୁମାର ସାହୁ କହିଛନ୍ତି, ଜିଲାର ବିଭିନ୍ନ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି। ମା'ଙ୍କ ଏହି ଆଦ୍ୟ ମଣ୍ଡପରେ ପାରମ୍ପରିକ ରୀତିନୀତିକୁ ଅଧିକ ଗୁରୁତ୍ୱ ଦିଆଯାଏ। ଏବେ ଗ୍ରାମର ବହୁ ବ୍ୟକ୍ତି ପ୍ରବାସରେ ରହୁଛନ୍ତି। ପୂଜା ସମୟ ଆସିଲେ ଜିଲା ବାହାରେ ଥିବା କର୍ମଜୀବୀ ଘରକୁ ଫେରିଥାନ୍ତି। ପାରମ୍ପରିକ ରୀତିନୀତି ସହ ଏବେ ସାଜସଜ୍ଜା ଓ ତୋରଣ ପାଇଁ ଗ୍ରାମବାସୀ ମିଳିମିଶି ଖର୍ଚ୍ଚ ତୁଲାଉଛନ୍ତି। ଚଳିତବର୍ଷ ପୂଜାକୁ ଆକର୍ଷଣୀୟ କରିବାକୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଗବେଷକ ଡ. ସର୍ବେଶ୍ୱର ସେଣ କହିଛନ୍ତି, ଏହି ପୂଜାର୍ଚ୍ଚନା ଅଷ୍ଟାଦଶ ଶତାବ୍ଦୀରୁ ଚାଲି ଆସିଛି। ଏହି ଜିଲାରେ ନଦୀନାଳ ଛନ୍ଦି ହୋଇ ରହିଛି। ତତ୍କାଳୀନ ସମୟରେ ସ୍ଥାନୀୟ ଅଞ୍ଚଳର ବାଣିଜ୍ୟ ଥିଲା ପ୍ରମୁଖ ବୃତ୍ତି। ବ୍ରାହ୍ମଣୀ ନଦୀ ମୁହାଣରେ ପଟ୍ଟାମୁଣ୍ଡାଇ ବନ୍ଦର ଥିଲା। ଷୋଡ଼ଶ ଶତାବ୍ଦୀରେ କନିକା ଉପକୂଳସ୍ଥ ବଙ୍ଗୋପସାଗରକୁ କନିକା ଉପସାଗର କୁହାଯାଉଥିବାବେଳେ ପଟ୍ଟାମୁଣ୍ଡାଇ ବନ୍ଦରରୁ ପଣ୍ୟ କାରବାର ହେଉଥିଲା। ଆଖପାଖ ଅଞ୍ଚଳର ବହୁ ସାଧବ ବିଦେଶ ଯାଇ ଧନରତ୍ନ ଆଣିବା ସହ ସେହି ଅଞ୍ଚଳର ସଂସ୍କୃତିକୁ ଦେଖି ଶିଖି ଆସିଥିଲେ। ଏହାର ନମୁନା ଜିଲାର ବହୁ ଅଞ୍ଚଳରେ ଦେଖିବାକୁ ମିଳେ। ଗଜଲକ୍ଷ୍ମୀ ହେଉଛନ୍ତି ଧନଦାତ୍ରୀ। ସାଧବ ପୁଅ ମା'ମଙ୍ଗଳାଙ୍କୁ କୁଳଦେବତା ଭାବେ ପୂଜା କରିଥାନ୍ତି। ଧନଦାତ୍ରୀଙ୍କୁ ପୂଜା କରି ଏଠାରେ ଏକ ନୂତନ ପରମ୍ପରା ଆରମ୍ଭ କରାଯାଇଥିବା ବିଭିନ୍ନ ଲେଖାରୁ ସୂଚନା ମିଳୁଛି।

# ରେଳ ଫାଟକ ବନ୍ଦ ନିଷ୍ପତ୍ତିକୁ ନେଇ ଉତ୍ତେଜନା

- ରେଳ ବିଭାଗ ବ୍ୟାନର ମାରିବା ପରେ ୩ ଗ୍ରାମବାସୀଙ୍କ ପ୍ରତିବାଦ
- ରାସ୍ତା ପ୍ରଶସ୍ତୀକରଣ ପରେ ରେଳ ଫାଟକ ବନ୍ଦ ହେବାକୁ ମିଳିଥିଲା ପ୍ରତିଶ୍ରୁତି
- ଜିଲାପାଳଙ୍କ ହସ୍ତକ୍ଷେପ ପରେ ବନ୍ଦ ରହିଲା ଖନନ କାର୍ଯ୍ୟ

ନୟାଗଡ଼,୧୮।୧୦(ଲୋକନାଥ ମିଶ୍ର)

ରାସ୍ତା ପ୍ରଶସ୍ତୀକରଣ ନ କରି ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ବରପଲ୍ଲୀ ଓଭରବ୍ରିଜ ନିକଟସ୍ଥ ପୁରୁଣା ଲେଭଲକ୍ରସିଂ ରାସ୍ତାକୁ ଖନନ କରି ବନ୍ଦ କରାଯିବ ବୋଲି ଭାରତୀୟ ରେଳ ବିଭାଗ ପକ୍ଷରୁ ବ୍ୟାନର ମାରିବା ପରେ ଉତ୍ତେଜନା ପ୍ରକାଶ ପାଇଛି। ନୟାଗଡ଼ ବ୍ଲକ୍‌ର ବରପଲ୍ଲୀ, ଲକ୍ଷ୍ମୀପ୍ରସାଦ ଓ ନରେନ୍ଦ୍ରପୁର ଆଦି ୩ ଗାଁର ଲୋକେ ପ୍ରତିବାଦ କରି ଜିଲାପାଳଙ୍କୁ ଭେଟିବା ପରେ ଖନନ କାର୍ଯ୍ୟ ବନ୍ଦ ରହିବ ବୋଲି ପ୍ରତିଶ୍ରୁତି ମିଳିଛି। ତଥାପି ସ୍ଥାନୀୟ ଲୋକେ ରେଳବାଇ ଉପରେ ଭରସା କରି ପାରୁ ନାହାନ୍ତି।

ସୂଚନା ଅନୁଯାୟୀ, ବରପଲ୍ଲୀ, ଲକ୍ଷ୍ମୀପ୍ରସାଦ ଓ ନରେନ୍ଦ୍ରପୁର ଗାଁରେ ପ୍ରାୟ ୩୦୦ ପରିବାରର ୧ ହଜାରରୁ ଉର୍ଦ୍ଧ୍ୱ ଲୋକ ବାସ କରନ୍ତି। ନୟାଗଡ଼ ଖଣ୍ଡପଡ଼ା ରାସ୍ତାର ବରପଲ୍ଲୀଠାରେ ଓଭରବ୍ରିଜ ନିର୍ମାଣ ପରେ ସମ୍ପୃକ୍ତ ଗାଁକୁ ଯିବାକୁ ହେଲେ ବାଇପାସ୍ ରାସ୍ତା ଦେଇ ଯିବାକୁ ପଡୁଥିଲା। ବାଇପାସ୍ ରାସ୍ତାର ପୁରୁଣା ଲେଭଲକ୍ରସିଂ ରାସ୍ତାକୁ ବନ୍ଦ କରାଗଲେ ଓଭରବ୍ରିଜର ଗୋଡ଼ିସାହିଠାରେ ଉଠିବାକୁ ପଡିବ। ଗୋଡ଼ିସାହିଠାରେ ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ବାଇପାସ୍ ରାସ୍ତା ପୁରା ଅଣ ଓସାରିଆ। ପୁରୁଣା ଲେଭଲକ୍ରସିଂ ରାସ୍ତା ବନ୍ଦ କରାଗଲେ ୩ଟି ଗାଁର ଲୋକ ୨୦୦ ମିଟର ରାସ୍ତା ବଦଳରେ ୫ କିମି ରାସ୍ତା ବୁଲି ଯିବାକୁ ପଡିବ। ୩ଟି ଗାଁକୁ ଯିବାକୁ ହେଲେ ରାସ୍ତାରେ ୪ ଚକିଆ ଯାନ ଯିବା ସମ୍ଭବ ନୁହେଁ। ପୁଣି ସ୍କୁଲ ଓ କଲେଜ୍ ବସ, ଆମ୍ବୁଲାନ୍ସ, ଦମକଳ ପରି ଗାଡ଼ି, ବିବାହ ଗାଡ଼ି ଗାଁ ଭିତରକୁ ଯାଇ ପାରିବ ନାହିଁ। ପିଲା ପାଠ ପଢ଼ି ଯିବାକୁ ହଇରାଣ ହେବେ। ଅନ୍ୟପକ୍ଷେ ବିକଳ୍ପ ରାସ୍ତାକୁ ପ୍ରଶସ୍ତୀକରଣ ନ କରି ରେଳ ବିଭାଗ ପୁରୁଣା ଲେଭଲକ୍ରସିଂ ରାସ୍ତା ବନ୍ଦ କରିବାର ପ୍ରକ୍ରିୟାକୁ ୩ଟି ଗାଁର ଲୋକ ପ୍ରତିବାଦ କରିଥିଲେ। ଓଭରବ୍ରିଜର ଉଭୟ ପାର୍ଶ୍ୱ ବାଇପାସ୍ ରାସ୍ତା ପ୍ରଶସ୍ତୀକରଣ ନ କରି ଲେଭଲକ୍ରସିଂ ରାସ୍ତା ବନ୍ଦ ନ କରିବାକୁ ୩ଟି ଗାଁର ଲୋକମାନେ ପୂର୍ବତଟ


ରେଳପଥ ରାସ୍ତା ବନ୍ଦ ପାଇଁ ମରାଯାଇଥିବା ନୋଟିସ।

ରେଳବାଇର ଜେନେରାଲ ମ୍ୟାନେଜର ଭୁବନେଶ୍ୱର ଓ ଜଟଣୀ, ନୟାଗଡ଼ ବିଧାୟକ, ପୁରୀ ଏମ୍‌ପି, ରେଳବାଇ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଜିଲାପାଳଙ୍କୁ ଅବଗତ କରାଇଥିଲେ। ହେଲେ ଲୋକଙ୍କ ପ୍ରତିବାଦକୁ ନ ଶୁଣି ପୁରୁଣା ଲେଭଲକ୍ରସିଂ ରାସ୍ତାକୁ ରେଳ ବିଭାଗ ଗତ ଅଗଷ୍ଟ ୫ ତାରିଖରେ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ରାସ୍ତା ଖନନ କାର୍ଯ୍ୟ ଆରମ୍ଭ ପୂର୍ବରୁ ୩ ଖଣ୍ଡ ଗାଁର ଲୋକ ଏକଜୁଟ ହୋଇ କାମ ବନ୍ଦ କରାଇଥିଲେ। ଗତ ଅଗଷ୍ଟ ୫ ପୂର୍ବାହ୍ନ ସାଢ଼େ ୮ଟାରୁ ଆନ୍ଦୋଳନ ହେବାରୁ ଉତ୍ତେଜନା ଦେଖା ଦେଇଥିଲା। ଖବର ପାଇ ନୟାଗଡ଼ ସଦର ଥାନା ପୋଲିସ, ନୟାଗଡ଼ ଏସ୍‌ଡିପିଓ, ନୟାଗଡ଼ ତହସିଲଦାର, ରେଳବାଇ ବିଭାଗର ସହକାରୀ ସିଭିଲ ଇଞ୍ଜିନିୟର ପ୍ରକାଶ ରାଓ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରାସ୍ତା ପ୍ରଶସ୍ତୀକରଣ ପରେ ପୁରୁଣା ଲେଭଲକ୍ରସିଂ ରାସ୍ତାକୁ ଖନନ କରି ରେଳ ଫାଟକକୁ ବନ୍ଦ କରାଯିବ ବୋଲି ରେଳବାଇ ବିଭାଗର ସହକାରୀ ସିଭିଲ ଇଞ୍ଜିନିୟର ପ୍ରକାଶ ରାଓ ଓ ନୟାଗଡ଼ ତହସିଲଦାର ରାକେଶ ସ୍ୱାଇଁ ସେ ସମୟରେ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପାଇ ୩ଟି ଗାଁର ଲୋକ ଆନ୍ଦୋଳନକୁ ପ୍ରତ୍ୟାହୃତ କରି ନେଇଥିଲେ। ଆନ୍ଦୋଳନ ହେବାର ୨ମାସ ପରେ ବି ରାସ୍ତା ପ୍ରଶସ୍ତୀକରଣ ହେଲା ନାହିଁ। ବରଂ ରେଳବାଇ ବିଭାଗ ୧୮ ତାରିଖରୁ ରେଳ ଫାଟକ ବନ୍ଦ କରିବ ବୋଲି ବ୍ୟାନରରେ ଘୋଷଣା କରିବା ପରେ ବିବାଦ ଦେଖା ଦେଇଥିଲା।

ଏନେଇ ବରପଲ୍ଲୀର ଜଳଧର ଜେନା କୁହନ୍ତି, ରାସ୍ତା ପ୍ରଶସ୍ତୀକରଣ ନ କରି ରେଳ ବିଭାଗ ଶୁକ୍ରବାର ରାତି ୧୦ଟାରେ ରାସ୍ତା ଖନନ କରି ରେଳ ଫାଟକ ବନ୍ଦ କରିବ ବୋଲି ଘୋଷଣା କରିଛି। ଏପରିକି ବ୍ୟାନର ମାରି ସଚେତନତା କରିଥିଲା। ଏହା ପରେ ଆମେ ୩ ଖଣ୍ଡ ଗାଁର ଲୋକଙ୍କ ପ୍ରତିନିଧି ଅତିରିକ୍ତ ଜିଲାପାଳ, ଜିଲାପାଳ, ତହସିଲଦାର, ଖୋର୍ଦ୍ଧା ରୋଡ଼ ରେଳୱେ ଡିଭିଜିନାଲ ମ୍ୟାନେଜର ଓ ରେଳବାଇ ଏଷ୍ଟିମେଟ୍ ଇଞ୍ଜିନିୟର, ଟାଉନ ଓ ସଦର ଥାନା ଆଇଆଇସିଙ୍କ ସହ ଆଲୋଚନା କଲୁ। ଜିଲାପାଳ ସବୁ ଶୁଣିବା ପରେ ରାସ୍ତା ଖନନକୁ ବନ୍ଦ କରିବା ସହ ରେଳ ଫାଟକ ବନ୍ଦ କରାଯିବନି ବୋଲି କହିଛନ୍ତି। ନୟାଗଡ଼ ତହସିଲଦାର ରାକେଶ ସ୍ୱାଇଁ କୁହନ୍ତି, ଜିଲାପାଳଙ୍କ ସହ ଆଲୋଚନା ପରେ ରାସ୍ତା ଖନନ ଓ ରେଳ ଫାଟକ ବନ୍ଦ କରାଯିବା ନିଷ୍ପତ୍ତି ବାତିଲ ହୋଇ ଯାଇଛି। ରାସ୍ତା ପ୍ରଶସ୍ତୀକରଣ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସରୋଜ


@ ଅଭିଜିତ୍


@ ସୁବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାରମ୍ପରିକ ବାଦ୍ୟ, ନୃତ୍ୟରେ ବିଦାୟନେଲେ ମା'




ଭସାଣି ଶୋଭାଯାତ୍ରାରେ ସାମିଲ୍ ହୋଇଥିବା ଅଘରି ନୃତ୍ୟ ଓ ଓଡ଼ିଶୀ ନୃତ୍ୟ।

## ସହରରୁ ବଳି ପଡ଼ିଲା ଗାଁର ଭସାଣି ଶୋଭାଯାତ୍ରା

ଖଣ୍ଡପଡ଼ା,୧୮।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ମା'ଦୁର୍ଗାଙ୍କ ଭସାଣି ଉତ୍ସବ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ସହର ପରି ଗ୍ରାମାଞ୍ଚଳରେ ବିଭିନ୍ନ ପୂଜା କମିଟି ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଭସାଣି ଶୋଭାଯାତ୍ରାର ଆୟୋଜନ କରାଯାଇଛି। ଏହାର ନଜିର ଦେଖିବାକୁ ମିଳିଛି ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ଅଞ୍ଚଳରେ। ସେଠାରେ ଗତ ୪ ବର୍ଷଠାରୁ ଚାନ୍ଦିମେଢ ଲାଗିଥିଲା। ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ୧୩ରୁ ଉର୍ଦ୍ଧ୍ୱ ମେଢ ପ୍ରଦର୍ଶିତ ହୋଇଥିଲା।

ଶୁକ୍ରବାର ହାଟମୁଣ୍ଡପାଟଣା ଜନକଲ୍ୟାଣ କ୍ଲବର ମା'ଦୁର୍ଗାଙ୍କ ଭସାଣି ଉତ୍ସବ ବେଶ ଉତ୍ସହର ସହ ଶେଷ ହୋଇଛି। କୃଷ୍ଣେଶ୍ୱର ପାଟଣା ଗ୍ରାମରେ ମା'ଙ୍କୁ ବିଦାୟ ଦେବା ଅବସରରେ ଶବ୍ଦ ପ୍ରଦୂଷଣ ପ୍ରତି ପୂଜା କମିଟି କର୍ମକର୍ତ୍ତା ଯତ୍ନବାନ ଥିଲେ। ସେମାନେ ଆଧୁନିକ ଯନ୍ତ୍ର ସଂଗୀତ ତଥା ଡିଜେ ସାଉଣ୍ଡ ପ୍ରତି ଗୁରୁତ୍ୱ ନ ଦେଇ ଭସାଣୀ ଉତ୍ସବରେ ପାରମ୍ପରିକ ଲୋକ କଳା ତଥା ବାଦ୍ୟଯନ୍ତ୍ର ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥିଲେ। ଆଜକୁ ୭ ବର୍ଷ ଧରି ଭସାଣି ଶୋଭାଯାତ୍ରାରେ ଗ୍ରାମରେ ଏକ ନମ୍ବର ଭସାଣି ଶୋଭାଯାତ୍ରା ପାଳଟିଥିବା ବେଳେ ପାରମ୍ପରିକ ବାଦ୍ୟନୃତ୍ୟ ତାଳେ ତାଳେ ମା'ଙ୍କୁ ବିଦାୟ ଦେଇ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରାଯାଇଛି। ଅନୁଷ୍ଠାନର ସଭାପତି ଶରତ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ପୂଜାକମିଟିର ସଦସ୍ୟ ଆଶୁତୋଷ ମହାପାତ୍ର, ସୁବ୍ରତ କୁମାର ମହାରଣା, ସୋମନାଥ ମହାରଣା, ଶୁଭ୍ରାଂଶୁ ମହାରଣା, ଶିଲୁ ପ୍ରସାଦ ପରିଡା, ରାମଚନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ସାହୁଙ୍କ ସମେତ ସମସ୍ତ ସାହି ମୁରବୀମାନଙ୍କ ସହଯୋଗରେ ଭସାଣୀ ସରିଛି। ଶୁକ୍ରବାର ଜନକଲ୍ୟାଣ କ୍ଲବ ପକ୍ଷରୁ ଆୟୋଜିତ ଭସାଣୀ ଶୋଭଯାତ୍ରାରେ ଅଘରି, ବାଘ, ବିଲେଇ ନୃତ୍ୟ, ଢେଙ୍କାନାଳ ଦକ୍ଷିଣକାଳୀ ଶିଂଘବାଜା, ଗୋଟିପୁଅ ନୃତ୍ୟ, ହାଡବାଇ ମୁଣ୍ଡ, ବାଘ ନୃତ୍ୟ ସହିତ ପାରମ୍ପରିକ ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର ସାଙ୍ଗକୁ ପାରମ୍ପରିକ ଘଣ୍ଟ ଘଣ୍ଟା ଓ ସଂକୀର୍ତ୍ତନ ଦଳ ସହିତ ଘୋଡା ନାଚ ଆଦି ଦେଖିବାକୁ ସନ୍ଧ୍ୟାଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜନ ସମାଗମ ଲାଗି ରହିଥିଲା। ଜନକଲ୍ୟାଣ କ୍ଲବ ପକ୍ଷରୁ ଢେଙ୍କାନାଳର ଦକ୍ଷିଣ କାଳୀ ସିଂଘ ବାଜା, ପୁରୀର ଓଡ଼ିଶୀ ନୃତ୍ୟ ଗୃପ, ଉତ୍ତର ପ୍ରଦେଶ ଢାଞ୍ଚାରେ ଅଘୋରୀ ଷଣ୍ଢ, ବାଘ ନୃତ୍ୟ ସାଙ୍ଗକୁ ଘଣ୍ଟୁଆଙ୍କ ବିଭିନ୍ନ ଢଙ୍ଗରେ ଘଣ୍ଟମାଡରେ ଦାଣ୍ଡ ପ୍ରକମ୍ପିତ ହେଉଥିଲା। କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ଓ ସହକର୍ମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭସାଣି ଶୋଭାଯାତ୍ରା ଶେଷ ହୋଇଥିଲା।

## ପୋଲିସ ଗାଡ଼ିରୁ ଅଭିଯୁକ୍ତ ଫେରାର

ନୟାଗଡ଼,୧୮।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଶରଣକୁଳ ଥାନା ପୋଲିସ କଟକ ଜଗତପୁର ଅଞ୍ଚଳରୁ ଚୋରି ସୁନା ଜବତ କରି ଅଭିଯୁକ୍ତଙ୍କୁ ହ୍ୟାଣ୍ଡକଫ୍ ପକାଇ ଫେରୁଥିଲା। ହେଲେ ବାଟରେ ଅଭିଯୁକ୍ତ ପୋଲିସ ଗାଡ଼ିରୁ ଫେରାର ହୋଇଯିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶରଣକୁଳ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ସୁନା ଚୋରି ନେଇ ତଦନ୍ତ କରୁଥିଲା। ଅଭିଯୁକ୍ତ ଜଣଙ୍କ କଟକ ଜଗତପୁର ଅଞ୍ଚଳରେ ସୁନା ରଖିଥିବା କହିବା ପରେ ପୋଲିସ ତାଙ୍କୁ ଗୁରୁବାର ସେଠାକୁ ନେଇ ସୁନା ଜବତ କରିଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କ ହାତରେ ହ୍ୟାଣ୍ଡକଫ ପକାଇ ପୋଲିସ ରାତିରେ ଏକ ଭ୍ୟାନ୍‌ରେ ଫେରୁଥିଲା। ତେବେ ଭ୍ୟାନଟି ଖୋର୍ଦ୍ଧା ଜିଲାର ବାଘମାରୀ ନିକଟରେ ପହଞ୍ଚିବା ବେଳକୁ ଅଭିଯୁକ୍ତ ଗାଡ଼ିରେ ନ ଥିବା ଜଣା ପଡିଥିଲା। ଅଭିଯୁକ୍ତ ଫେରାର ହେବା ଜଣାପଡିବା ପରେ ଶରଣକୁଳ ଥାନା ପୋଲିସ ବାଘମାରୀ ଥାନା ପୋଲିସ ସହାୟତାରେ ଗୁରୁବାର ରାତି ଓ ଶୁକ୍ରବାର ସକାଳେ ଧରପଗଡ଼ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କ ଟେର ପାଇ ନ ଥିଲା। ଏନେଇ ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି,ଏକ ମାମଲାରେ ପୋଲିସ କଟକକୁ ଯାଇ ତଦନ୍ତ କରୁଛି। ଘଟଣାର ପ୍ରକୃତ ରହସ୍ୟ ଜଣା ପଡିବା ପରେ ଗଣମାଧ୍ୟମକୁ ସୂଚନା ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଶ୍ରୀଅନ୍ନ ଓ ପାରମ୍ପରିକ ଖାଦ୍ୟମେଳା

ଗଣିଆ,୧୮।୧୦(ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ଗଣିଆ ଉନ୍ନୟନ କମିଟି ସଭାଗୃହରେ ଶ୍ରୀଅନ୍ନ ଓ ପାରମ୍ପରିକ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣିଆ ଉନ୍ନୟନ କମିଟିର ସଭାପତି ଉଷା ପଟ୍ଟନାୟକଙ୍କ ସଭାପତିତ୍ୱ କରିଥଲାବେଳେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପ୍ରକଳ୍ପ ଅଧିକାରୀ ଅମ୍ବିକା ରଥ,ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଧୁସୂଦନ ଦାସ, ଗ୍ରାମ ପଞ୍ଚାୟତ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ବ୍ଲକ ପ୍ରକଳ୍ପ ଅଧିକାରୀ କାଦମ୍ବିନୀ ନାୟକ, ବ୍ଲକ କୃଷି ଅଧିକାରୀ ଜ୍ଞାନରଞ୍ଜନ ପରିଡ଼ା ଏବଂ ଗଣିଆ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇ ଶ୍ରୀଅନ୍ନ ଓ ପାରମ୍ପରିକ ଖାଦ୍ୟର ଗୁଣବତ୍ତା, ପୁଷ୍ଟିତତ୍ତ୍ୱ ଏବଂ ଶରୀର ପାଇଁ ପାରମ୍ପରିକ ଖାଦ୍ୟର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଏହିଖାଦ୍ୟ ମେଳାରେ ୩୦ ଜଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ୯୮ ପ୍ରକାର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ଆଣିଥିଲେ। ଗଣିଆ ବ୍ଲକରୁ ଯୋଗ ଦେଇଥିବା ମାଣ୍ଡିଆ ଚାଷୀ, ପଞ୍ଚାୟତ ପ୍ରତିନିଧି, ଗଣମାଧମ ପ୍ରତିନିଧି ଯୋଗ ଦେଇ ଶ୍ରୀଅନ୍ନ ଓ ପାରମ୍ପରିକ ଖାଦ୍ୟ ମେଳା ପରିଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ଗଣିଆ ଗ୍ରାମ୍ୟ ମହିଳା ବିକାଶ କେନ୍ଦ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ , ବେଲପଡ଼ା ମାହେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ, ପତିତପାବନ ସ୍ୱୟଂ ସହାୟକ ଗୋଷ୍ଠୀ କାଦୁଆ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗଣିଆ ଉନ୍ନୟନ କମିଟିର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଜଣାଇଥିଲେ।


ଖାଦ୍ୟମେଳାକୁ ଅତିଥିମାନେ ବୁଲି ଦେଖୁଛନ୍ତି।

# ଶିକ୍ଷକଙ୍କୁ ବିରୋଧକରି ସ୍କୁଲ ମୁଖ୍ୟ ଫାଟକରେ ତାଲା ଝୁଲିଲା

- ଆନ୍ଦୋଳନକୁ ଓହ୍ଲାଇଲେ ଗ୍ରାମବାସୀ, ଛାତ୍ରୀଛାତ୍ର
- ଅଢ଼େଇ ଘଣ୍ଟା ପରେ ନିର୍ଦ୍ଦେଶ ପ୍ରତ୍ୟାହୃତ
- ସ୍ୱାଭାବିକ ହେଲା ପାଠପଢ଼ା

ନୂଆଗାଁ,୧୮।୧୦(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଇଛେଳି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କୁ ବିରୋଧ କରି ଶୁକ୍ରବାର ସ୍କୁଲ ଫାଟକରେ ମାଇଛେଳି ଗ୍ରାମବାସୀ ଓ ଛାତୀଛାତ୍ରମାନେ ତାଲା ପକାଇ ଦେଇ ଶିକ୍ଷକଙ୍କୁ ଭିତରକୁ ଛାଡି ନ ଥିଲେ। ଛାତ୍ରୀଛାତ୍ରମାନେ ଗଛମୂଳ ମଣ୍ଡପରେ ବସି ପାଠପଢି ଥିଲେ। ଏହି ଘଟଣା ପରେ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ପ୍ରତ୍ୟାହୃତ ହୋଇଥିଲା। ଫଳରେ ଅଢେଇ ଘଣ୍ଟା ପରେ ସ୍କୁଲରେ ପାଠ ପଢା ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତ ମାଇଛେଳି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ୫ମଶ୍ରେଣୀ ପର୍ଯ୍ୟନ୍ତ ୩୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ ପଢାଇବା ପାଇଁ ୩ ଜଣ ଶିକ୍ଷକଙ୍କୁ ନିୟୋଜିତ କରାଯାଇଥିଲା। ଶିକ୍ଷକ ପ୍ରମୋଦ କୁମାର ଖଣ୍ଡୁଆଳଙ୍କ


ସ୍କୁଲ ଫାଟକରେ ତାଲା ପଡିଥିବାରୁ ଶିକ୍ଷକ ପ୍ରମୋଦ ଖଣ୍ଡୁଆଳ ଠିଆ ହୋଇଛନ୍ତି।


ବାହାରେ ମଣ୍ଡପରେ ବସି ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି।

ବ୍ୟବହାର ଓ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ଶିକ୍ଷକ ଖଣ୍ଡୁଆଳଙ୍କୁ ଚଡକମରା ସ୍କୁଲକୁ ଡେପୁଟେଶନରେ ପଠାଇ ଦିଆଯାଇଥିଲା। ପାଠ ପଢାରେ ଅସୁବିଧା ହେବାରୁ ଅନ୍ୟଜଣେ ଶିକ୍ଷକଙ୍କୁ ମାଇଛେଳି ସ୍କୁଲକୁ ଡେପୁଟେଶନରେ ଅଣାଯାଇଥିଲା। ତେବେ ୩ ଜଣ ଶିକ୍ଷକଙ୍କ ମଧ୍ୟରୁ ସୁଧୀର କୁମାର ପ୍ରଧାନଙ୍କୁ ଅନ୍ୟ ସ୍କୁଲକୁ ବଦଳି ପାଇଁ ଚିଠି କରାଯିବା ପରେ ସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ମୁଦୁଲିଙ୍କ ଦେହାନ୍ତ ହୋଇ ଯାଇଥିଲା। ପ୍ରଧାନ ଶିକ୍ଷକଙ୍କ ଦେହାନ୍ତ ପରେ ଡେପୁଟେଶନରେ ଆସିଥିବା ଶିକ୍ଷକଙ୍କ ଡେପୁଟେଶନ ଅବଧି ଶେଷ ହୋଇଯାଇଥିଲା। ଶିକ୍ଷକ ସୁଧୀରଙ୍କ ବଦଳି ନିର୍ଦ୍ଦେଶ ପରେ ସ୍କୁଲ ଶିକ୍ଷକ ଶୂନ୍ୟ ହୋଇ ଯାଉଥିବା ଜାଣି ମାଇଛେଳି ସ୍କୁଲରୁ ଚଡକମରା ସ୍କୁଲକୁ ଡେପୁଟେଶନରେ ଯାଇଥିବା ଶିକ୍ଷକ ଖଣ୍ଡୁଆଳଙ୍କୁ ପୁନର୍ବାର ମାଇଛେଳି ସ୍କୁଲ ଆସିବା ପାଇଁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଖବର ଗ୍ରାମବାସୀ ପାଇବା ପରେ ଖଣ୍ଡୁଆଳଙ୍କୁ ପୁନର୍ବାର ସ୍କୁଲକୁ ନ ଆଣିବା ପାଇଁ ସ୍କୁଲ ପରିଚାଳନା କମିଟି ସଭାପତି ହରଶ ବାଡିଆ , ଗ୍ରାମ ସଭାପତି ମଙ୍ଗୁଲୁ ବେହେରାଙ୍କ ସମେତ ଗ୍ରାମବାସୀ ବିଇଓଙ୍କୁ ଅନୁରୋଧ କରିଥିଲେ। ଗ୍ରାମବାସୀ ଚାହୁଁ ନ ଥିବାରୁ ଖଣ୍ଡୁଆଳଙ୍କୁ ସେହି ସ୍କୁଲକୁ ନ ଆଣିବା ପାଇଁ ବିଇଓ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଶୁକ୍ରବାର ନିର୍ଦ୍ଦେଶ ମୁତାବକ ଶିକ୍ଷକ ଖଣ୍ଡୁଆଳ ସ୍କୁଲକୁ ଆସୁଥିବା ଜାଣି ଛାତ୍ରୀଛାତ୍ର ଓ ଗ୍ରାମବାସୀ ମିଶି ସ୍କୁଲ ଫାଟକରେ ତାଲା ପକାଇ ଦେଇ ଗଛମୂଳେ ଥିବା ମଣ୍ଡପରେ ବସି ପାଠ ପଢିଥିଲେ। ଅନ୍ୟପଟେ ଶିକ୍ଷକ ଖଣ୍ଡୁଆଳ ସ୍କୁଲ ଫାଟକ ସମ୍ମୁଖରେ ଠିଆ ହୋଇ ରହିଥିଲେ। ଘଟଣା ବାବଦରେ ଖବର ପାଇ ବିଇଓ ପ୍ରଶାନ୍ତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକ ସୁଧୀର ପ୍ରଧାନଙ୍କ ବଦଳି ଓ ଶିକ୍ଷକ ଖଣ୍ଡୁଆଳଙ୍କ ପ୍ରତ୍ୟାବର୍ତ୍ତନ ନିର୍ଦ୍ଦେଶକୁ ବାତିଲ କରିଥିଲେ। ଶେଷରେ ମଧ୍ୟାହ୍ନ ପ୍ରାୟ ୧୨.୩୦ରେ ସ୍କୁଲ ଫାଟକର ତାଲା ଖୋଲାଯାଇ ପାଠପଢା ସ୍ୱାଭାବିକ ହୋଇଥିଲା।

